ଚିତ୍ତଭାଇଙ୍କ ଚିଠି ବହି

(ପ୍ରଥମ)

ସଂକଳନ : ଆଶିଷ ପାଠୀ

ସୁହୃଦ୍‌ଗୋଷ୍ଠୀ, ଓଡ଼ିଶା

Digitized by srujanika@gmail.com

ଚିଉଭାଇଙ୍କ ଚିଠି ବହି

(ପ୍ରଥମ)

ସଂକଳନ : ଆଶିଷ ପାଠୀ

ସୁହୃଦ୍‌ଗୋଷ୍ଠୀ, ଓଡ଼ିଶା

Digitized by srujanika@gmail.com

ଚିତ୍ତଭାଇଙ୍କ ଚିଠିବହି (ପ୍ରଥମ)

ସଂକଳନ : ଆଶିଷ ପାଠୀ
ପ୍ରକାଶକ : ସୁହୃଦ୍‌ଗୋଷ୍ଠୀ, ଓଡ଼ିଶା
ପ୍ରଥମ ପ୍ରକାଶନ : ସେପ୍ଟେମ୍ବର, ୨୦୧୬
ମୁଦ୍ରଣ : ଶାରଦା ପ୍ରେସ୍, ଶିଳ୍ପାଞ୍ଚଳ, ବ୍ରହ୍ମପୁର
ମୂଲ୍ୟ : ଟ୨୦/-

Chittabhainka Chithibahi (Prathama)
Compilation : Asish Pathy
Publisher : Suhrudgosthi, Odisha
First Publication : September, 2016
Printing : Sarada Press, Industrial Estate, Brahmapur
Price : Rs. 20 Only

ଯୋଗାଯୋଗ ଠିକଣା : ଆଶିଷ ପାଠୀ, କୁମାରପଲ୍ଲୀ,
ଆଙ୍କୋଲି, ବ୍ରହ୍ମପୁର - ୭୬୦୦୧୦
ଫୋନ - ୯୪୩୭୧୪୦୧୧୦
E-mail : asish0900@gmail.com

Digitized by srujanika@gmail.com

ଆଦ୍ୟକଥନ

ଚିଉଭାଇଙ୍କ ଚିଠି ସଂଗ୍ରହ ସଂଖ୍ୟା ଦୃଷ୍ଟିରୁ ଯେତିକି ହେବା କଥା ତାହା ହୋଇପାରିନାହିଁ । ଏବେ ବି ତାଙ୍କର ଚିଠିମାନ ବିଭିନ୍ନ ଭାଇଅପାଙ୍କ ପାଖରେ ରହିଛି । କେତେକ ଚିଠି ନଷ୍ଟ ହୋଇଯାଇଛି, କେତେକ ଜ୍ଞାତସାରରେ ବା ଅଜ୍ଞାତସାରରେ ରହିଯାଇଛି, ଅନେକଙ୍କ ପାଖରେ ଏବେ ବି ଖବର ପହଞ୍ଚିନାହିଁ, ଆମେ ପହଞ୍ଚିପାରିନାହୁଁ । ଚିଉଭାଇଙ୍କ ବନ୍ଧୁ ଯେପରି ଅସଂଖ୍ୟ ଅଛନ୍ତି, ସେମାନଙ୍କ ପ୍ରତ୍ୟେକଙ୍କ ସହ ତାଙ୍କର ପତ୍ରାଳାପ ସେପରି ହୋଇଛି । ଅବଶ୍ୟ ସେସବୁ ପୂର୍ବରୁ ସଂଗ୍ରହ ହୋଇପାରିଥିଲେ ଅନେକ ଉପକାର ହୋଇ ପାରିଥାନ୍ତା । ଫଳରେ ଅନେକ ବହି ରୂପ ନେଇଥାନ୍ତା ।

ଏହି ପ୍ରକାଶନରେ ୧୯୫୦ ରୁ ୧୯୬୫ ମଧ୍ୟରେ ଯେଉଁସବୁ ପତ୍ର ଆମକୁ ମିଳିଛି, ସେସବୁକୁ ଆମେ ଏ ବହିରେ ପଢ଼ିପାରିବା । ଏଥିରେ ଶାନ୍ତିନିକେତନର ଜଣେ ବନ୍ଧୁ ଓ ଚମ୍ପତିମୁଣ୍ଡା ଉଉର ମୌଳିକ ବିଦ୍ୟାଳୟର କେତେଜଣ ଛାତ୍ରଙ୍କ ସହ ଜୀବନର ବିଭିନ୍ନ ବିଷୟ ଏବଂ ଅବସରକୁ ନେଇ ଚିଠି ସବୁ ରହିଛି । ଚିଠିଗୁଡ଼ିକ ମୁଖ୍ୟତଃ ଡେନ୍‌ମାର୍କ, ଚମ୍ପତିମୁଣ୍ଡା ମୌଳିକ ବିଦ୍ୟାଳୟ, ଅନଗୁଳ, ନିଜ ଗାଁ ବାଗଲପୁର, ହିମାଳୟ ଅଞ୍ଚଳର ଗାଁ ହାଟକଲ୍ୟାଣୀ ଓ ସାଲ୍ୟାରା ତଥା ନୂଆଦିଲ୍ଲୀ, ହାଇଦରାବାଦ ଏବଂ ଆଗ୍ରା ବିଚ୍-ପୁରୀର ରୁରାଲ ଇନଷ୍ଟିଚ୍ୟୁଟରୁ ଲେଖାଯାଇଛି । ଏଥିରୁ ଚିଉଭାଇଙ୍କ ଡେନ୍‌ମାର୍କ ଜୀବନ ଏବଂ ଚମ୍ପତିମୁଣ୍ଡାର ତତ୍‌କାଳୀନ ସ୍ଥିତି ସମ୍ପର୍କରେ ଅନେକ ଅଜଣା କଥା ଜାଣିହେବ, ସର୍ବୋପରି ନିଜ ଜୀବନକୁ ଗଢ଼ିବା ପାଇଁ ଇଚ୍ଛା କରୁଥିବା ବନ୍ଧୁମାନଙ୍କୁ ଅନେକ ଅନେକ ଖୋରାକ ମିଳିଯିବ ।

'ଚିଠିବହି'ର ଏଇ ପ୍ରଥମ ଖଣ୍ଡଟି ଚମ୍ପତିମୁଣ୍ଡାର ଛାତ୍ର, ଶିକ୍ଷକ ତଥା ବାଜି ରାଉତ ଛାତ୍ରାବାସର ପରିଚିତ ଅପରିଚିତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଆମେ ସମର୍ପଣ କରିବା । ଚିଉଭାଇ ସେଠାରୁ ଓ ସେମାନଙ୍କ ଠାରୁ କେତେ ପାଇଲେ ଓ କେତେ ଦେଲେ, କେତେ ଲାଭ ବା କ୍ଷତି ହେଲା ଆମେ ହିସାବ କରିବାକୁ ଯିବା ନାହିଁ, କିନ୍ତୁ ଚିଉଭାଇଙ୍କୁ ଗଢ଼ିବାରେ ସେହି ସ୍ଥାନ ଓ ପରିବେଶ ଅବଶ୍ୟ ଅନେକ ସାହାଯ୍ୟ ଓ ସୁଯୋଗ ଯୋଗାଇଛି, ଏହାକୁ କେହି ବି ଅସ୍ୱୀକାର କରିପାରିବ ନାହିଁ ।

ଶେଷରେ ଏହାକୁ ପାଠ କରି କେହି ଉପକୃତ ହୋଇପାରିଲେ ଆମେ କୃତାର୍ଥ ହେବୁ, ଆମ ଶ୍ରମ ସାର୍ଥକ ହେବ ।

ଧନ୍ୟବାଦ, ନମସ୍କାର ।

ଆଶିଷ ଭାଇ

Digitized by srujanika@gmail.com

ମୁଖବନ୍ଧ

ଚିଉଭାଇ ମୋ'ର ସାରାଜୀବନର ବଡଭାଇ, ବାଟକଢ଼ା ବଡଦାଦା ଏବଂ ବନ୍ଧୁ, ଦାର୍ଶନିକ ତଥା ପଥପ୍ରଦର୍ଶକ । ୧୯୫୫ ମସିହା ଜୁଲାଇର କୌଣସି ଏକ ଶନିବାର ଦିନ ଅନୁଗୁଳ ବାଚ୍ଚିରାଉତ ଛାତ୍ରାବାସର ଆମ ସପ୍ତମ ଶ୍ରେଣୀରେ ଗଙ୍ଗାଧର ମେହେରଙ୍କର 'ତପସ୍ୱିନୀ' କାବ୍ୟ ସେ ପଢ଼ାଇବା ଆରମ୍ଭ କରିବା ଦିନୁ ତାଙ୍କ ସହ ମୋ'ର ପ୍ରଥମ ପରିଚୟ । ସେଦିନଠୁ ତାଙ୍କ ଜୀବନର ଶେଷ ମୁହୂର୍ତ୍ତ ଯାଏଁ ମୋ'ର ଜୀବନ ତାଙ୍କ ସହ ସମ୍ପର୍କୀତ ହୋଇ ରହି ଆସିଛି । ସେ ଚମ୍ପତିମୁଣ୍ଡା ବିଦ୍ୟାଳୟର ଆଶା ମରୁଛି ଗାଁକୁ ଫେରିଯିବା ବେଳେ ମୁଁ ଏକା ତାଙ୍କୁ ଅନୁଗୁଳ ବସଷ୍ଟାଣ୍ଡରେ ଛାଡିବା ପାଇଁ ଯାଇଥିଲି । ୧୯୫୭ ଜୁଲାଇ ଠାରୁ ବିଂଶ ଶତାବ୍ଦୀର ଶେଷଯାଏଁ ମୁଁ ମୋ'ର ଭଲମନ୍ଦ, ସୁଖଦୁଃଖ, ସୁବିଧା ଅସୁବିଧା ଏବଂ ମନ ଭିତରେ ଉଙ୍କି ମାରୁଥିବା ପ୍ରଶ୍ନସବୁର ସମାଧାନ ଲାଗି ଚିଉଭାଇଙ୍କୁ ଏକ୍‌ବାରେ ସହଜ ଭାବରେ ଚିଠି ଲେଖି ଦେଉଥିଲି । ଏବଂ ସେସବୁର ଉତ୍ତର ଆକାରରେ ତାଙ୍କ ଠାରୁ ଜୀବନ ବଞ୍ଚିବାର ଯେତେ ପରିମାଣର ସାହାଯ୍ୟ ପାଇ ଉପକୃତ ହୋଇଛି, ସେସବୁକୁ ସାତଜନ୍ମ ଲାଗିଲେ ବି ଭାଷାଦେଇ ଲେଖିପାରିବି ବୋଲି ଭାବି ପାରୁନାହିଁ । ମୋ' ଜୀବନକୁ ଗଢ଼ିବା ପାଇଁ ଯେତେ ପରିମାଣର ଉତ୍ସାହ ଓ ପ୍ରେରଣା ପାଇଛି, ସେସବୁକୁ ସାଉଁଟି, ମୋ' ଅନ୍ତରାତ୍ମାକୁ ସେଥିରେ ରଞ୍ଜିତ କରି ଏତେଦୂର ଯାଏ ଆସିପାରିଛି । ମୁଁ ସର୍ବଦା ସ୍ୱୀକାର କରିଛି ଓ ଏବେ ବି କହୁଛି ଯେ ଚମ୍ପତିମୁଣ୍ଡା ଜୀବନ ବିଦ୍ୟାଳୟ ଓ ଚିଉଭାଇଙ୍କ ଚିଠିସବୁରୁ ମୁଁ ଯେଉଁ ଶିକ୍ଷା ପାଇଛି, ତାହା ମୋ'ର ଜୀବନକୁ ଗଢ଼ିଛି ଏବଂ ତାହାରି ବଳରେ ନିଜକୁ ଏତେଦୂର ନେଇ ଆସିପାରିଛି ।

ମୋ'ର ଦୁର୍ଭାଗ୍ୟ ଚିଉଭାଇଙ୍କ ଚିଠି ଭିତରୁ ଅନେକ ଗୁଡ଼ିଏ ଗାଁର ଘର ଧସିଗଲା ବେଳେ ମାଟିତଳେ ସମାଧିସ୍ଥ ହୋଇଗଲା ଏବଂ ବଡ଼ ପିଲା ଦୁହିଁଙ୍କର ବିବାହ ବେଳେ ଆଗରୁ ସଂଗ୍ରହ କରି ଗୋଟିଏ ପଲିଥିନ୍ ଭିତରେ ଗଣିକରି ରଖିଥିବା ଶହେ ଖଣ୍ଡ ଚିଠି କେଉଁଆଡେ ରହିଗଲା ଯେ ଆଉ ଆଦୌ ମିଳିଲା ନାହିଁ । ବାକୀ ଯେତିକିଟା ଚିଠି ଖୋଳିଲୋଡ଼ି ପାଇଛି, ସେସବୁକୁ ଆଶିଷ ଭାଇଙ୍କ ହାତରେ ସମର୍ପି ଦେଇଛି ।

ଚିଉଭାଇ ସାରା ପୃଥିବୀର ବିଭିନ୍ନ ଦେଶରୁ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଚିଠି ସବୁ ଲେଖିଛନ୍ତି । ମୋ'ର ଜୀବନରେ ଯେତେବେଳେ କୌଣସି ପ୍ରକାରର ଅସୁବିଧା ଦେଖାଦେଇଛି ମୁଁ ସଙ୍ଗେ ସଙ୍ଗେ ଏହି ଚିଠି ସବୁକୁ ଓଲଟାଇ ବସୁଛି ଏବଂ ତା' ଭିତରୁ ଉଚିତ ବାଟ ପାଇଯାଉଛି । ସେପରି ଯଦି କିଏ ବେଳ ଅବେଳରେ ଅଣ୍ଡାଳି ହେଲାବେଳେ ଏଇ ଚିଠି ସବୁକୁ ପଢ଼ି ଉପଯୁକ୍ତ ବାଟ ପାଇ ତାକୁ ଆଦରି ନେଇପାରିବେ, ତେବେ ଏଇ ଚିଠିସବୁ ଛାପା ହେବା ସଫଳ ହେଲା ବୋଲି ଭାବିବି । ଏବଂ ଏପରି ଏକ ବିଚାର ନେଇ ମୋ' ଚିଠି ସବୁକୁ ଛାପିବା ପାଇଁ ଆଶିଷଭାଇଙ୍କୁ ହସ୍ତାନ୍ତର କରିଛି । ଏପରି ଏକ ମନ ନେଇ ଏଇ ଚିଠି ସବୁକୁ ଛାପିବା ପାଇଁ ଯେଉଁ ଭାଇଭଉଣୀ ମାନଙ୍କର ହାତ ଏଇ ପଣତରେ ବାଜିଛି, ମୁଁ ସେହି ସମସ୍ତଙ୍କୁ ଅନେକ ସମ୍ମାନ ଜଣାଉଛି ଏବଂ ଜୁହାର କରୁଛି ।

ଶଶିଭୂଷଣ ପାଣିଗ୍ରାହୀ
(ଚିଉଭାଇଙ୍କ ପୁରାତନ ଛାତ୍ର)

Digitized by srujanika@gmail.com

୧ । ଶ୍ରୀମାନ୍ ଦେବେନ୍ଦ୍ରନାଥ ପ୍ରଧାନ, ଶାନ୍ତିନିକେତନ ।

ଡେନ୍‌ମାର୍କ, ୧୫।୫।୫୧

ଠିକ୍ ବରଷକ ଆଗେ ଏଇ ଦିନେ ତୁମ ଅଞ୍ଚଳରେ ଭାରି ମଜା ହେଉଥିଲା । ଅବଶ୍ୟ ବାହାରକୁ ଗବେଷଣା କରିବା ଲାଗି travelling allowance ନେଇ ସମ୍ବଲପୁର ଯାଇଥିଲି, କିନ୍ତୁ ଅଧିକରୁ ଅଧିକ ମଣିଷଙ୍କ ପରିଚିତ ହେବା, ସ୍ନେହ ଓ ଶ୍ରଦ୍ଧାର ଅଜସ୍ର ସମ୍ପଦରେ ଆପଣାକୁ କୃତାର୍ଥ ମନେ କରିବା, ଏହାହିଁ ମୋର ସବୁଠାରୁ ବଡ଼ ଉଦ୍ଦେଶ୍ୟ ଥିଲା । ଗବେଷଣା ଦିଗରୁ କେତେ ଜଣ ପାଇଲି ମୋର ମନେ ନାହିଁ, କିନ୍ତୁ ତୁମେମାନେ ସମସ୍ତେ ମିଶି ଯେ ସେ ଜିଲ୍ଲାରେ ସବୁଠି ମୋର ଆପଣାର ଘର ତିଆରି କରିଦେଇଥିଲ, ସେକଥା ଆଜିଯାଏ ମନେ ଅଛି । ଆଉ କେବେ ସେ ଭାଗ୍ୟ ମିଳୁଛି କେଜାଣି ?

ପ୍ରହ୍ଲାଦବାବୁ ଠିକ୍ କେବେ ଆସୁଚନ୍ତି ? ସେ ଆସିଲେ ତାଙ୍କର ପ୍ରଥମ କାମ ହେବ 'ପଞ୍ଚସଖା' ଓ ବର୍ତ୍ତମାନ pressରେ ଥିବା ଇଂରାଜୀ ବହି ଉପରେ ମନ୍ତବ୍ୟ ଲେଖିବା । ଯେତେ ଦୂର କଡ଼ା ସମାଲୋଚନା ଲାଗି ମଧ୍ୟ ମୁଁ ପ୍ରସ୍ତୁତ ଅଛି । ତୁମ ଜରିଆରେ ତାଙ୍କୁ ମୁଁ ଏଇ ଅନୁରୋଧ ଦେଇ ରଖିଲି । ପଞ୍ଚସଖା ବହି ଏ ପର୍ଯ୍ୟନ୍ତ ଦେଖିନାହିଁ । କିପରି ହୋଇଛି କେଜାଣି ? ... ଗୋଟିଏ କାମ କରିପାରିବ ଦେବେନ୍ଦ୍ର ? ବଙ୍ଗଳା 'ଦୁଇବୋନ୍' ଓ ଇଂରାଜୀ ଅନୁବାଦ 'Two Sisters' ସାଧାରଣ ଡ଼ାକରେ ପଠାଇପାରିବ ? ... ନହେଲେ ତୁମକୁ କିଣିବାକୁ ପଡ଼ିବ । ମୁଁ ପରେ ଶୁଝିଦେବି । ତୁମେ ଜାଣ, ଘର ଉପରେ କୌଣସି ଦାୟିତ୍ୱ ଲଦିବାକୁ ମୁଁ କିପରି ସଙ୍କୁଚିତ ମନେ କରେ ।

ଭୋଜୀବେଳେ, ଆନନ୍ଦ ଆମୋଦରେ ମୋର ସବୁ ଦୁଷ୍ଟାମି ମନେପଡ଼େ କି ନାହିଁ ? ... ସ୍ଥାୟୀ ଘର ପାଇଲେ ଆପଣାର ଖାଇବା ବ୍ୟବସ୍ଥା ଆପେ କରିବି ବୋଲି ଭାବିଛି । ଏସବୁ ବିଷୟରେ ସ୍ୱତନ୍ତ୍ର ହୋଇପାରିଲେ ମନରେ ଯେ କେତେଦୂର ଶାନ୍ତି ଓ ସନ୍ତୋଷ ଆସେ ତାହା ଶାନ୍ତିନିକେତନରେ ଅନୁଭବ କରିଚି । ତେଣୁ ଆରବର୍ଷଠାରୁ ଏଠି ମଧ୍ୟ ସେଇ ବ୍ୟବସ୍ଥା କରୁଚି ।

ଭାଷା ବେଶ୍ ଅଳ୍ପ ବହୁତ ଆୟତ୍ତ ହେଲାଣି । University ବିଲକୁଲ theoretical– କିନ୍ତୁ ଶୀତଦିନ ଆସିଲେ ଏଦେଶର ଗଣବିଦ୍ୟାଳୟରେ ପ୍ରାୟ ୩ ମାସ କଟାଇବାକୁ ହେବ । ଏବର୍ଷ ଗ୍ରୀଷ୍ମଛୁଟି ଲାଗି ବେଶ୍ ଏକ କାର୍ଯ୍ୟକ୍ରମ ଠିକ୍ କରିଚି । ରୁଷିଆ ଫିନ୍‌ଲାଣ୍ଡର କେତେକ ଅଞ୍ଚଳ ଗଲା ଯୁଦ୍ଧବେଳେ ଅଧିକାର କରି ନେଇଥିଲା । ସେଠୁ ଅନେକ ଲୋକ ନିରାଶ୍ରୟ ଭାବରେ ପଳାଇ ଆସିଥିଲେ । ଉତ୍ତର ଫିନ୍‌ଲାଣ୍ଡରେ ସେମାନଙ୍କୁ ବସତି ଯୋଗାଇବାର ଚେଷ୍ଟା କରାହେଉଚି । ଡେନ୍‌ମାର୍କର ଏକ ବିରାଟ ଅନୁଷ୍ଠାନ ପ୍ରାୟ ୩ ବର୍ଷ ହେଲା ସେଠି କାମ କରିଆସୁଚି । ପ୍ରତ୍ୟେକ ବର୍ଷ ଦଳେ ଯୁବକ ସେଠି କାମ କରିବାକୁ ଯାଉଛନ୍ତି । ଗଛ କାଟିବା, ମାଟି ବୋହିବା ଓ ଘର ତିଆରି କରିବା ହେଉଚି ପ୍ରଧାନ କାମ । ଏବର୍ଷ ଯାଉଥିବା ଦଳରେ ମୁଁ ଯିବାର ସୁଯୋଗ ପାଇଚି ।

Digitized by srujanika@gmail.com

ଦଳରେ ବେଶୀଭାଗ ଚାଷୀ । ଏହାଦ୍ୱାରା ସାଧାରଣଲୋକ ଓ ସାଧାରଣ ସଂସ୍କୃତିର ଅତି ନିକଟକୁ ଆସିପାରିବି ବୋଲି ଏଇ କାର୍ଯ୍ୟପନ୍ଥା ବାଛିଚି । ପଢୁଆ ହିସାବରେ ମୋ'ର ଯେତେ ଦମ୍ଭ ଓ ଅଭିମାନ ଅଛି, ଆପଣା ଆଳସ୍ୟକୁ ପ୍ରଶ୍ରୟ ଦେବାକୁ ଶାରୀରିକ ଶ୍ରମକୁ ମୁଁ ଯେତେ ଘୃଣା କରି ଶିଖିଚି, ଏହିପରି ବାରବାର ଚାଷୀ ଓ ମୂଲିଆଙ୍କ ସଙ୍ଗେ ଏକାଠି ମିଶି କାମକଲେ ସେସବୁ କଟିଯିବ ବୋଲି ମୁଁ ଭାରି ସାହସ ବାନ୍ଧିଚି । ଦେଖାଯାଉ କିଏ ଜିତୁଚି । ଜୁନ୍ ୧୫ ତାରିଖରୁ ମୁଁ ଏଠୁ ଯାଉଚି ।

ଯେତେପାରୁଚ ବହି ପଢ଼ । କିନ୍ତୁ ପ୍ରତ୍ୟେକ ବହି ପଢ଼ିବା ପରେ ପରେ ଆପଣାର ଦେଶ ଓ ମଣିଷ ସମାଜର ଭୂମି ଉପରେ ତାକୁ ମିଳାଇ ଦେଖ । ତେବେ ଯାଇ ବହିରୁ ପୂରା ଲାଭ ଉଠାଇ ପାରିବ, ଆପଣା ଲାଗି ନୂତନ ଶକ୍ତି ପାଇବ । ନ ହେଲେ ବହିପାଠ ମଣିଷକୁ ବଡ଼ ଦୁର୍ବଳ କରିପକାଇବ । ଠିକ୍ ଯେପରି ଗବେଷଣାର କାମରେ ଜୀବନକୁ ଫାଙ୍କିଦେଇ ମୁଁ ଆପଣାକୁ ଦୁର୍ବଳ କରି ଦେଉଥିଲି । ସବୁ ହେବ, ମଣିଷ ଯଦି ଠିକ୍ ଭାବରେ ଆପଣାକୁ ଓ ଜଗତକୁ ବିଚାର କରିଜାଣିବ, ମଣିଷ ଯଦି ନୂଆ ଶକ୍ତିଲାଗି ନିଷ୍ଠାପର ଭାବରେ ପ୍ରାର୍ଥନା କରିପାରିବ । 'ସତ୍ୟବାଦୀ'ରେ ବୋଧହୁଏ ମୋ'ର ଡେନ୍‌ମାର୍କ ସମ୍ବନ୍ଧୀୟ ଲେଖା ବାହାରିବ । 'ନବଭାରତ'କୁ ପଠାଯାଇଥିବା ଲେଖା ଆଣି ତୁମେ ରଖିଥିବ । ଶୀତ ଛାଡ଼ିଗଲାଣି । ଆଜି ପ୍ରଥମ କରି ଥଣ୍ଡାପାଣିରେ ଗାଧୋଇଲି । ଗଛରେ ଫୁଲ ପତର ପୂରିଗଲାଣି । ସମସ୍ତେ ଯେପରି ନୂଆ ପ୍ରାଣ ପାଇ ଉଠିଲେଣି ।

୨ । ଶ୍ରୀମାନ୍ ଦେବେନ୍ଦ୍ରନାଥ ପ୍ରଧାନ, ଶାନ୍ତିନିକେତନ ।

ଡେନ୍‌ମାର୍କ, ୨୦।୧୦।୫୧

ଏଇ ଦୁଇମାସ ଅର୍ଥାତ୍ ସେପ୍ଟେମ୍ବର ଓ ଅକ୍ଟୋବର ମତେ ଟିକିଏ ବେଶୀ ପଢ଼ିବାକୁ ହେଉଚି । କାରଣ ବାହାରେ ବୁଲିବାର ଏତେ ବେଶୀ ଯୋଜନା କରି ପକାଇଚି ଯେ ବିଶ୍ୱବିଦ୍ୟାଳୟରେ ମୋତେ ମୋଟେ ଦେଢ଼ବରଷ ସମୟ ମିଳିବ । ତେଣୁ ସେତିକି ସମୟ ପୂରାପୂରି ନ ଖଟିଲେ ପାରିଉଠିବା ସହଜ ନୁହେଁ । ବର୍ତ୍ତମାନ ପ୍ରାୟ ବେଶୀଭାଗ ସମୟ ପଢ଼ିବାରେ କଟିଯାଉଛି । କିନ୍ତୁ ଆଉ କୋଡ଼ିଏ ଦିନ ପରେ ଅର୍ଥାତ୍ ଆରମାସ ୧୪ ତାରିଖରେ ମୁଁ ଡେନ୍‌ମାର୍କର ଗଣବିଦ୍ୟାଳୟ ଦେଖି ବାହାରିବି । ଏଇ ବିଦ୍ୟାଳୟର ସ୍ୱପ୍ନରେ ଦିନେ ତିନିବର୍ଷ ତଳେ ଡେନ୍‌ମାର୍କ ବିଷୟରେ ଅଧିକରୁ ଅଧିକ ଜାଣିବାର ପ୍ରେରଣା ପାଇଥିଲି । ଏବର୍ଷ ମୁଁ ୫ଟି ବିଦ୍ୟାଳୟରେ ସାଢ଼େ ତିନିମାସ କଟାଇବି, ସମସ୍ତ ଡେନ୍‌ମାର୍କ ମୋଟାମୋଟି ବୁଲିବାକୁ ହେବ । କୋପେନ୍ ହେଗେନ୍‌କୁ ଫେରିବି ଯାଇ ମାର୍ଚ୍ଚ ପହିଲାକୁ ।

ମୋ' ଇଂରାଜୀ ବହିରୁ ଖଣ୍ଡେ ପଠାଇବାକୁ ଡ଼ା. ବାଗ୍‌ଚୀଙ୍କୁ ଲେଖିଚି । 'ପଞ୍ଚସଖା' ବିଷୟରେ ତୁମଠାରୁ ମୁଁ ଅଧିକ କିଛି ଜାଣେନାହିଁ । ବିରକ୍ତ ହୋଇ ସେସବୁ ବିଷୟରେ ଆଉ ଭାବିବାକୁ ଭଲ ଲାଗୁନାହିଁ । 'ମହିମାଧର୍ମ' ବିଷୟରେ କୌଣସି ଉଲ୍ଲେଖଯୋଗ୍ୟ ଖବର ତୁମଠାରୁ ପାଇଲେ ନିଶ୍ଚୟ ଖୁସିହେବି ।

Digitized by srujanika@gmail.com

ଏଠି ବର୍ତ୍ତମାନ ପତର ଝଡ଼ିବାର ପର୍ବ ଚାଲିଚି । ବସନ୍ତ ପରେ ପରେ ଶାନ୍ତିନିକେତନର ରାସ୍ତାଘାଟ ଯେମିତି ପାଚିଲା ପତରରେ ଭରିଯାଏ, ଏଠି ବର୍ତ୍ତମାନ ସେହିପରି ପତରରେ ସବୁ ପୂରିଯାଇଚି । ଆଉ ମାସକ ପରେ ହୁଏତ ଗଛରେ ଗୋଟିଏ ହେଲେ ପତର ଦେଖିବାକୁ ମିଳିବ ନାହିଁ । ତା'ପର ଚାରିମାସ ଖାଲି ବରଫ ଓ ଦାରୁଣ ଶୀତ । ମତେ କିନ୍ତୁ ବରଫ ଆରେଇଥିଲା ଗଲାବର୍ଷ । ଏବର୍ଷ ଡେ଼ନ୍‌ମାର୍କର ମଫସଲରେ ଆହୁରି ମଜା ହେବ ।

ଏଥର ଚିଠିରେ ଦେଶର ରାଜନୈତିକ ଖବର କିଛି ଲେଖିବ । ବିଶେଷକରି ଭୋଟ କଥା – ଓଡ଼ିଶା ଓ ସମଗ୍ର ଭାବରେ ଦେଶର ହାଲଚାଲ ତୁମଠାରୁ ଶୁଣିବି ବୋଲି ଆଶା କରୁଚି । 'ଡ଼ଗର'ରେ ମୋର ଲେଖା ରୀତିମତ ବାହାରୁଚି ? ମୁଁ ଏପର୍ଯ୍ୟନ୍ତ କେବଳ ପ୍ରଥମ ଦୁଇଖଣ୍ଡ 'ଡ଼ଗର' ପାଇଚି । 'ସତ୍ୟବାଦୀ' ଦେଖିବାର ସୁଯୋଗ ଏପର୍ଯ୍ୟନ୍ତ ପାଇନାହିଁ ।

ସତରେ କହୁଚି, କୋପେନ ହେଗେନ୍‌ରେ ଛୋଟିଆ ପିଲାଙ୍କ ଅଭାବ ଭାରି ଅନୁଭବ କରୁଚି । ଫିନ୍‌ଲାଣ୍ଡରେ ଯେ କେତେ କ୍ଷୁଦ୍ରଶିଶୁଙ୍କ ସହିତ ବନ୍ଧୁ ବାନ୍ଧିଚି କ'ଣ କହିବି । ଆରବର୍ଷ ଶୀତକାଳରେ ଆଉଥରେ ଫିନ୍‌ଲାଣ୍ଡ ଯିବା ପ୍ରାୟ ଠିକ୍ କରିସାରିଚି ।

୩ । ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ପ୍ରଧାନ, ଶାନ୍ତିନିକେତନ ।
ଡେ଼ନ୍‌ମାର୍କ, ୧୮।୯।୫୨
ତୁମ ଚିଠି ପାଇବା ମାସକରୁ ଅଧିକ ହୋଇଗଲାଣି । ସେତେବେଳକୁ ମୁଁ ମଧ୍ୟ ଜର୍ମାନୀର ଗୋଟିଏ ଛୋଟିଆ ଗାଁରେ, ପ୍ରାଥମିକ୍ ସ୍କୁଲର ଶିକ୍ଷକଙ୍କ ଘରେ ଅତିଥି । ଗତ ଦୁଇମାସ ଏଠି ସେଠି ବୁଲିବାରେ, ଏଠି ସେଠି କେତେ ଲୋକଙ୍କର ପରିଚୟରେ ଆସିବାରେ ସମୟ ଏପରି ଭାବରେ କଟିଗଲା ଯେ ଦିନେହେଲେ ମନ ସ୍ଥିର କରି କାହା ପାଖକୁ ଚିଠି ଲେଖିବା ସମ୍ଭବ ହୋଇପାରିଲା ନାହିଁ । କେବଳ ପ୍ରତ୍ୟେକ ସପ୍ତାହରେ ଘରକୁ ଖଣ୍ଡେ ଲେଖାଏଁ ଚିଠି ଦେବାଛଡ଼ା ମୁଁ ସବୁ ଚିଠିଲେଖା ବନ୍ଦ କରି ଦେଇଥିଲି କହିଲେ ଚଳେ । ବର୍ତ୍ତମାନ ଡେ଼ନ୍‌ମାର୍କକୁ ଫେରି ଦେଖୁଚି ଏକାବେଳକେ ପ୍ରାୟ ୩୦/୪୦ ଚିଠି ଲେଖିବାକୁ ହେବ । ଥରେ ଅଳସୁଆ ହୋଇ ହେଳା କଲେ ଏଇ ଦଶା ଭୋଗିବାକୁ ହୁଏ ।

ହଁ, ଯା ଭିତରେ ଜର୍ମାନୀ, ପ୍ୟାରିସ୍ ଓ ହଲାଣ୍ଡ ଦେଖିଆସିଲି । ଜର୍ମାନୀର ତିନୋଟି ଗାଁରେ ତିନୋଟି ପରିବାର ସହିତ ତିନି ସପ୍ତାହ ଓ Gottingeu ବିଶ୍ୱବିଦ୍ୟାଳୟରେ ଦୁଇ ସପ୍ତାହ କଟାଇଲି । ଆଉ ଗୋଟାଏ ନୂଆଦେଶ ଓ ଦେଶର ମଣିଷଙ୍କ ସହିତ ଟିକିଏ ପରିଚୟ ହେବାର ବେଶ୍ ସୁଯୋଗ ମିଳିଲା । ବିଭିନ୍ନ ଗାଁଆରେ ଅନେକ ନୂଆବନ୍ଧୁ ମଧ୍ୟ ପାଇଲି । ସେମାନଙ୍କର ସାହାଯ୍ୟ ଫଳରେ ଜର୍ମାନୀ ଭାଷା ମଧ୍ୟ ଶିଖିବା ସମ୍ଭବ ହୋଇପାରିଲା । ବର୍ତ୍ତମାନ ସେମାନଙ୍କ ଭିତରୁ ଅନେକ ଜର୍ମାନ୍ ଭାଷାରେ ଚିଠି ଦେଉଛନ୍ତି, ତେଣୁ ଏହିପରି ସମ୍ବନ୍ଧ ରହିବା ଦ୍ୱାରା ଭାଷାଜ୍ଞାନରେ ଉନ୍ନତି ହୋଇପାରୁଚି । କିନ୍ତୁ ଜର୍ମାନୀରେ ଆଉ ଗୋଟିଏ ବଡ କଥା ଶିଖିପାରିଚି, ସାଇକେଲ୍

Digitized by srujanika@gmail.com

ଚଢ଼ା । ଏଥିଲାଗି ମୋ'ର ପିଲାବନ୍ଧୁ ମାନଙ୍କୁ ମଧ୍ୟ ସବୁ ପ୍ରଶଂସା ଦେବାକୁ ହେବ । ମୋ'ର ସାଇକେଲ ଶିଖିବା ନିଶାଠାରୁ ସେମାନଙ୍କର ଶିଖାଇବା ନିଶା ଯେପରି ଆହୁରି ପ୍ରବଳ ହୋଇପଡ଼ିଥିଲା । ପ୍ରତିଦିନ ସେମାନଙ୍କ ସାଙ୍ଗରେ କେତେ ଅଜଣା ଗାଆଁ, ସଡ଼କ, ବଣଜଙ୍ଗଲ ବୁଲିଚି କ'ଣ କହିବି । ହଲାଣ୍ଡରେ ମଧ୍ୟ ଏକୁଟିଆ ଅନେକ ସାଇକେଲରେ ବୁଲିଚି । ଗତ ସପ୍ତାହରେ Bornholm ଦ୍ୱୀପରେ ତିନିଦିନ କାଳ ପ୍ରାୟ ୧୦୦ ମାଇଲ୍ ସାଇକେଲ କରିଚି । ଜର୍ମାନୀ ଓ ସୁଇଡ଼େନ୍ ମଝିରେ ଥିବା ଏଇ ଦ୍ୱୀପଟି ଡେନ୍‌ମାର୍କର ଏକ ଅଂଶ ।

ଦାର୍ଶନିକ Spinoza ଯେଉଁସବୁ ଯାଗାରେ ଜୀବନର ବିଭିନ୍ନ ସମୟ କଟାଇଥିଲେ, ତାଙ୍କର ଜୀବନ ସହିତ ଯେଉଁଠି ନାନାସ୍ମୃତି ଏପର୍ଯ୍ୟନ୍ତ ଜଡ଼ିତ ହୋଇରହିଚି, ସେଇସବୁ ଦେଖିବା ହଲାଣ୍ଡକୁ ଯିବାର ପ୍ରଧାନ ଉଦ୍ଦେଶ୍ୟ ଥିଲା । ତେଣୁ ସେସବୁ ଆଖିରେ ଦେଖିବା ମୋତେ ଯେପରି ତୀର୍ଥ ଦେଖିଲା ପରି ଲାଗିଲା । ଅନେକ ଛବି ମଧ୍ୟ ନେଇଚି । ... ଆଶ୍ରମର ଆଉ ସମସ୍ତ ଖବର ଲେଖିବ । ବିଶ୍ୱନାଥର ଚିଠି ପ୍ରାୟ ଦୁଇମାସ ତଳେ ପାଇଚି, ଏପର୍ଯ୍ୟନ୍ତ ତା'ର ଉତ୍ତର ଦେଇପାରିନାହିଁ । ସେ ହୁଏତ ମନେ ମନେ କେତେ କ'ଣ ଭାବୁଥିବ । ... ଆଚ୍ଛା, ଅଜୟ ଶିବାନୀ ଏମାନେ କ'ଣ ଏପର୍ଯ୍ୟନ୍ତ ଶାନ୍ତିନିକେତନରେ ଅଛନ୍ତି ? ବର୍ଷେ ହେଲା ସେମାନଙ୍କର କୌଣସି ଖବର ପାଇନାହିଁ । ପାଖର ଲୋକେ କାଳକ୍ରମେ ଯେ ହଠାତ୍ ପୁରୁଣା ହୋଇ ପାସୋରି ପକାନ୍ତି, କ୍ରମେ ତାହାକୁ ସଂସାରରେ ସ୍ୱୀକାର କରିବାକୁ ପଡ଼ିବ, ଦେଖୁଚି । କିନ୍ତୁ ତଥାପି ମନ ବୁଝୁଚି କେତେକେ ।

... ହଁ, Wind, Sand and Stars ବହି Antoine de Saint-Exuperyଙ୍କର ଲେଖା । ସୁବିଧା ପାଇଲେ ବହିଟି ପଢ଼ିବ । ତାଙ୍କର ଆଉ ଦୁଇଖଣ୍ଡ ବହି ମୁଁ ଏଠାରେ କିଣିଛି । ଦେଶକୁ ଫେରିଲେ ତାକୁ ଏକାଠି ପଢ଼ିବା ।

'ମହିମାଧର୍ମ' ବହି ବିଷୟ ପଚାରି ବାଗଚୀ ମହାଶୟଙ୍କୁ ଚିଠି ଦେଇଥିଲି, ଏପର୍ଯ୍ୟନ୍ତ ତା'ର ଉତ୍ତର ପାଇନାହିଁ । ... ହୁଏତ ଦୁଇମାସ ପରେ ଏଠୁ ପୁଣି ଫିନ୍‌ଲାଣ୍ଡ ଯିବାକୁ ପଡ଼ିବ । ଶୀତଦିନରେ ଏକାବେଳକେ ଲାପ୍‌ଲାଣ୍ଡରେ । ଭାରି ଉତ୍ତେଜନା ଆସୁଚି ମନରେ ସେକଥା ଭାବିଲାବେଳକୁ ।

୪ । ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ପ୍ରଧାନ, ଶାନ୍ତିନିକେତନ ।
ଡେନ୍‌ମାର୍କ, ୧୦।୧୨।୫୨
ଏହାଭିତରେ ଡେନ୍‌ମାର୍କର ପ୍ରାୟ ୨୦ଟା ଯାଗାରେ ମୋତେ ଭାରତବର୍ଷର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବକ୍ତୃତା ଦେବାକୁ ହେଲା । ତେଣୁ ଗଲା ମାସଟା ଯାକ ପ୍ରାୟ ମୋ'ର ରେଳଗାଡ଼ୀରେ କଟିଚି କହିଲେ ଚଳେ । ସବୁ ସରିବା ପରେ ଭାରି କ୍ଳାନ୍ତ ଲାଗୁଚି ବର୍ତ୍ତମାନ । କିନ୍ତୁ କାର୍ଯ୍ୟବ୍ୟସ୍ତତା ସରୁଚି କେତେକେ ?

Digitized by srujanika@gmail.com

କାଲି ଡେନ୍‌ମାର୍କ ଛାଡ଼ି ମତେ ଅଷ୍ଟ୍ରିଆର Salzburg ସହରକୁ ଯିବାକୁ ହେବ । ପଅରି ଦିନଠାରୁ ଚାରିଦିନ ଲାଗି ସେଠି ଛୋଟପିଲାଙ୍କର ଆନ୍ତର୍ଜାତିକ ଉତ୍ସବ ଅନୁଷ୍ଠିତ ହେଉଛି । ପ୍ରାୟ ୫୦୦ ସରିକି ପିଲା ୨୫ଟି ବିଭିନ୍ନ ଦେଶରୁ ସେଠିକି ଆସୁଚନ୍ତି । ଗୋଟିଏ ଦଳର ପରିଚାଳକ ଓ ଶେଷ ଦିନର ସାଧାରଣ ଅଧିବେଶନରେ ଜଣେ ବକ୍ତା ହିସାବରେ ମୁଁ ସେଠାରୁ ନିମନ୍ତ୍ରଣ ପାଇଚି । ସେଠୁ ଫେରିବା ବାଟରେ ଜର୍ମାନୀର ବିଭିନ୍ନ ଗାଁରେ ୪ଟି ପରିବାର ସହିତ କେତେଦିନ କଟାଇବି । ସେଇସବୁ ପରିବାର ସହିତ ମୋ'ର ଗତ ଗ୍ରୀଷ୍ମଛୁଟୀରେ ପରିଚୟ ହୋଇଚି । ତେଣୁ ସେମାନେ ବାଟରେ ଅଟକାଇବାକୁ ଜିଦ୍ କରିଚନ୍ତି । ସେଠୁ ଜାନୁଆରୀ ପହିଲା ବେଳକୁ ଫେରି ୧୫ ଦିନ ପରେ ମୋତେ ଫିନ୍‌ଲାଣ୍ଡ ଯିବାକୁ ହେବ । ଏଇଥିରୁ ଜାଣିପାରିବ କିପରି ଭାଗାପରି ମତେ ଏଣେ ତେଣେ ବୁଲିବାକୁ ହେଉଚି । ଏଠି ଅର୍ଥାତ୍ ଇଉରୋପରେ ମୋ'ର ମୋଟେ ବରଷେ ବାକୀ ରହିଲା । ତେଣୁ ଯେତେ ସମ୍ଭବ ବେଶୀ ଅଭିଜ୍ଞତା ସଂଗ୍ରହ କରି ରଖିବାକୁ ମୁଁ ଯେପରି ବିକଳା ହୋଇପଡ଼ିଲିଣି ।

୫ । ଶ୍ରୀଯୁକ୍ତ ଦେବେନ୍ଦ୍ରନାଥ ପ୍ରଧାନ, ଶାନ୍ତିନିକେତନ ।
ଫିନ୍‌ଲାଣ୍ଡ, ୯।୩।୫୩
ଦେଢ଼ମାସ ହେଲା ମୁଁ ଫିନ୍‌ଲାଣ୍ଡକୁ ଆସିଲିଣି । ଏଇ ଦେଶର କେତୋଟି ଲୋକ-ବିଦ୍ୟାଳୟ ଦେଖିବା ଲାଗି ମୁଁ ଫିନ୍‌ଲାଣ୍ଡ ଲୋକ-ବିଦ୍ୟାଳୟ ଅନୁଷ୍ଠାନ ତରଫରୁ ନିମନ୍ତ୍ରଣ ପାଇ ଆସିଚି । ଏଠି ଆହୁରି ପ୍ରାୟ ଦେଢ଼ମାସ କଟାଇବା ପରେ ଏପ୍ରିଲ୍ ୨୦ ତାରିଖ ବେଳକୁ ମୁଁ ପୁଣି ଡେନ୍‌ମାର୍କ ଫେରିଯିବି ।

ଏଇ ସୁଯୋଗରେ ମୁଁ ସୁନ୍ଦରଦେଶ ଫିନ୍‌ଲାଣ୍ଡର ଅନେକ ସ୍ଥାନ ଦେଖିନେଉଚି । ଶୀତଦିନରେ ଏଦେଶର ପ୍ରକୃତି ଗ୍ରୀଷ୍ମଦିନର ପ୍ରକୃତିଠାରୁ ଏକାବେଳେକେ ଅଲଗା, ସତେଯେପରି ଏ ଆଉଗୋଟାଏ ଅଲଗା ପୃଥିବୀ । ଚାରିଆଡ଼େ ବରଫ, ବରଫ ଆଉ ବରଫ । ଗତମାସରେ ମୁଁ ଲାପଲାଣ୍ଡରେ ଥିଲି । ଉତ୍ତରରେ INARI ପର୍ଯ୍ୟନ୍ତ ଯାଇଚି, ମାନଚିତ୍ରରୁ ଦେଖିପାରିବ । ଏହାପ୍ରାୟ ୭୦° ଉତ୍ତର ଅକ୍ଷାଂଶରେ ଅବସ୍ଥିତ । ଫିନ୍‌ଲାଣ୍ଡର ଶୀତ ଭାରି ଟାଣ, ସମୟେ ସମୟେ ଉତ୍ତାପ Freezing Pointରୁ 45°c ଖସିପଡ଼ିଥିଲା । ଆମଦେଶର ଉତ୍ତାପମାପ ଅନୁସାରେ ଏହା ପ୍ରାୟ -୮୫° ହେବ । ଏଇ ଶୀତର ସମ୍ମୁଖୀନ ହେବାକୁ ମୋର ବେଶ୍ ଶୀତପୋଷାକ ଅଛି । ତେଣୁ ଭୟ ନାହିଁ । କିନ୍ତୁ ଚାରିଆଡ଼ର ସୌନ୍ଦର୍ଯ୍ୟକୁ ଅନାଇଲା ବେଳକୁ ସବୁ ଶୀତ କୁଆଡ଼େ ଭୁଲିହୋଇଯିବ । ଦିଗନ୍ତବ୍ୟାପୀ ଯେପରି କିଏ ଏକ ଶୁଭ୍ର ସ୍ଥିର ସ୍ୱପ୍ନକୁହୁକ ବିସ୍ତାର କରି ରଖିଚି । ଏ ଦେଶକୁ ମୁଁ ବାରବାର ଫେରିଆସିବି, ଏହାହିଁ ମୋର ଅଭିଳାଷ ।

ଅଷ୍ଟ୍ରିଆ ଓ ଜର୍ମାନୀରୁ ଫେରିବା ପରେ ଜାନୁଆରୀ ୧୧ ତାରିଖରେ କୋପେନହେଗେନରେ ଡେନିଶ୍ ଭାଷାରେ ୨୦ ମିନିଟ୍‌ର ଏକ ରେଡ଼ିଓ ବକ୍ତୃତା ମୋତେ ଦେବାକୁ

Digitized by srujanika@gmail.com

ହୋଇଥିଲା । ବିଷୟ ଥିଲା–'An Indian looks at Denmark' ବେଶ୍ ଭଲରେ ଭଲରେ ତାହା ସାରି ୧୪ ତାରିଖରେ ମୁଁ ଡେନ୍‌ମାର୍କ ଛାଡ଼ିଲି ।

ଦେଶଆଡୁ ଅନେକ ଦିନ ହେଲା ଚିଠି ପାଉନାହିଁ । ସମସ୍ତେ ଆଜିକାଲି ଭାରି ନୀରବ । ଘରୁ ମଧ୍ୟ ଦୁଇମାସରେ ଥରେ ଚିଠି ଆସିବା ସମ୍ଭବ ହେଉନାହିଁ । ଦେଶକୁ ଫେରିବା ବେଳକୁ ହଠାତ୍ ମୋ' ପ୍ରତି ସମସ୍ତଙ୍କର ଏତେକୃପା କାହିଁକି କେଜାଣି । ଦେଶକୁ ଠିକ୍ କେଉଁମାସରେ ଫେରିବି, ତାହା ଏପର୍ଯ୍ୟନ୍ତ ଠିକ୍ କରିନାହିଁ । ତଥାପି ଆସନ୍ତା ଜାନୁଆରୀ ମାସକୁ ଯେ ମୁଁ ଯାଇ ଓଡ଼ିଶାରେ ପହଞ୍ଚିବି, ଏହା ନିଶ୍ଚିତ କଥା ।

୬) ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ନବମ ସୋପାନ, ଚମ୍ପତିମୁଣ୍ଡା ।
ଚମ୍ପତିମୁଣ୍ଡା, ୧୨।୧୧।୫୭
୧– ବାଇବେଲ୍‌ରେ ଅଛି – କାନ ଡ଼େର, ଶୁଣିପାରିବ । ଆଖିଖୋଲ, ଦେଖିପାରିବ । ଅଘାତ କର, ଦୁଆର ଖୋଲିବ । ମୁଁ କହୁଚି, କଣ୍ଠ ଖୋଲ, ଗାଇପାରିବ ।
୩– ହିଂସ୍ର ହେବାର ଅନେକ କାରଣ ଅଛି । ତୁମେ ହିଂସ୍ର ହେବାର କାରଣ ଜାଣିବାକୁ ହେଲେ, ତୁମର ଅଧିକ ନିକଟକୁ ଆସିବାକୁ ପଡ଼ିବ । ତୁମର ମନ ମୋ' ପାଖରେ ଖୋଲିଦେବାକୁ ପଡ଼ିବ । ... ମୋ'ରି ସହିତ କାମ ପକାଇଲେ ମୁଁ ତୁମର ଅନେକ କଥା ଜାଣିପାରିବି ଓ ହୁଏତ କିଛି ସୂଚନା ଦେଇପାରିବି ।
୪– ପ୍ରକୃତିର ଦୃଶ୍ୟ ଦେଖି ଶାନ୍ତ ହୋଇଯିବା ହେଉଛି ପ୍ରକୃତିକୁ ଭଲ ପାଇବା । ସକାଳ ୫ଟା ବେଳେ ତୁମେ ଘରଆଗ ପଡ଼ିଆରେ ଏକୁଟିଆ ବୁଲିବ । ପୂର୍ବଦିଗ ଆଡ଼େ ଅନାଇବ । ନୀରବ ରହିବ । ସକାଳର ଶାନ୍ତ ସ୍ପନ୍ଦନକୁ ଆପଣାର ସମସ୍ତ ଦେହରେ ଅନୁଭବ କରିବ । ତେବେ ପ୍ରକୃତିକୁ ଆପଣାର କରିବାର ବିଦ୍ୟା ବୁଝିପାରିବ ।
୫– ପ୍ରଶ୍ନର ଅନ୍ତ ନାହିଁ କି ଉତ୍ତରର ଅନ୍ତ ନାହିଁ । ମଣିଷ ଗୋଟିଏ ଉତ୍ତର ପାଇ ସନ୍ତୁଷ୍ଟ ହୋଇଯିବା ଉଚିତ ନୁହେଁ । ଗୋଟିଏ ଉତ୍ତରରୁ ଆହୁରି ପାଞ୍ଚଟା ପ୍ରଶ୍ନ ବାହାର କରିବାର ଶକ୍ତି ଓ ଉତ୍ସାହ ରହିବା ଉଚିତ । ତେବେ ଜୀବନଟା ଠିକ୍ ନୂଆ ନୂଆ ରହସ୍ୟର ଉଦ୍‌ଘାଟନ କଲାପରି ଲାଗିବ ଓ ଆନନ୍ଦ ସବୁବେଳେ ମିଳୁଥିବ ।
୬– କାମ, ପାଠ, ବିଶ୍ରାମ– ସବୁ ଦରକାର । କିନ୍ତୁ ଏହାକୁ ନିୟମିତ ଓ ପରିମିତ କରିବାକୁ ପଡ଼ିବ । ତିନିଟିରୁ ଆନନ୍ଦ ପାଇପାରିଲେ ତିନିଟି ମଧୁର ହୋଇଯିବ ।
୭– ତୁମର କ'ଣ ବିଚାର କରାଯିବା ଉଚିତ, ତାହା କହିଦେବାର ଅଧିକାର ଭଗବାନ ମୋତେ ଦେଇନାହାନ୍ତି । ସାନଭାଇର ବିଚାର ଉପରେ ବଡ଼ଭାଇ ଏତେ ସ୍ୱେଚ୍ଛାଚାର କରିପାରିବ ନାହିଁ । ତୁମେ ଆପଣାର ବିଚାର ଲାଗି ସରଣୀ ଆପେ କାଢ଼ିବାକୁ ଚେଷ୍ଟାକର । ତୁମର ଚିତ୍ତଭାଇ କେବେ କାହାରିଠାରୁ ବିଚାରର କାଇଦା ଅନୁକରଣ କରିନାହିଁ । ଆପଣାର ପଥ ସେ ଆପେ ବାହାର କରୁଚି ଓ କରିଚି । ଭଗବାନ ମୋ' ଭିତରେ ରହି ମୋତେ ମୋ'ର ବାଟ ଦେଖାଉଚନ୍ତି । ତୁମ ଭିତରେ ରହି ସେ ତୁମକୁ ତୁମର ବାଟ ଦେଖାନ୍ତୁ, ଏହା ମୁଁ ସର୍ବଦା ପ୍ରାର୍ଥନା କରିବି ।

Digitized by srujanika@gmail.com

୯– ଘଷାମଜା ବିଷୟକ ପ୍ରଶ୍ନର ଉତ୍ତର କ୍ରମେ କ୍ରମେ ନାନା ଛଳରେ ଦେବି । ତା' ନ ହେଲେ ସେ ଉତ୍ତରର ମୂଲ୍ୟ ନଷ୍ଟ ହୋଇଯିବ । ଖାଲି ମୋ'ର ଗୋଟିଏ ଅନୁରୋଧ ଯେ ମୋ'ର କଥା ବା ବ୍ୟବହାର କର୍କଶ ହେଲେ ତୁମେ ମୋତେ ଭୁଲ୍ ବୁଝିବ ନାହିଁ କି ଅସ୍ଥିର ହୋଇ ବିରକ୍ତ ହୋଇଯିବ ନାହିଁ । କୁମ୍ଭାର ତା ହାଣ୍ଡିକୁ କେତେ ପିଟେ ତୁମେ ଦେଖିଚ ତ ?

୭ । ଶ୍ରୀମାନ ଶଶୀଭୂଷଣ ପାଣିଗ୍ରାହୀ, ନବମ ସୋପାନ, ଚମ୍ପତିମୁଣ୍ଡା ।

ଚମ୍ପତିମୁଣ୍ଡା, ୨୬।୧୧।୫୭

୧– ତୁମେ ମୋ' କଥା ଅନୁସାରେ କାମ କଲ କି ନାହିଁ, ସେଥିରେ ମୋ'ର ଯେତେ ଆଗ୍ରହ ନାହିଁ, ତୁମେ ସେଥିରୁ କ'ଣ ଅଭିଜ୍ଞତା ଲାଭ କଲ, ତାହା ଜାଣିବାରେ ଅଧିକ ଆଗ୍ରହ । ମୁଁ କାମ ଆଦାୟ କଲାବାଲା ନୁହେଁ, ମୁଁ ବାଟୋଇ । ମୋ' ସହିତ ବାଟ ଚାଲିବ ତ ଆସ । ମୋତେ ତୁମର ଅମୂଲ୍ୟ ଅଭିଜ୍ଞତାମାନ କହ– ମୋତେ ସବୁଠାରୁ ଆନନ୍ଦ ଲାଗିବ । ସୂର୍ଯ୍ୟ ଉଦୟ ଦେଖିବା ଓ ଗୀତ ଗାଇବାରୁ ତୁମେ କି ନୂଆ ଜୀବନ–ରସ ପାଇଲ, ମୋତେ ସେଥିରୁ ଭାଗଦିଅ । ସବୁରି ବଡ଼ଭାଇ ହିସାବରେ ସବୁରି ଆନନ୍ଦରେ ମଧ୍ୟ ମୋ'ର ଭାଗ ରହିବା ଦରକାର ।

୨– ତୁମେ ଅନ୍ୟବାଟରେ ଗଲେ ହିଁ ମୁଁ ଆନନ୍ଦ ପାଇବି । ତୁମେ ତୁମର ନିଜ ବାଟରେ ଯାଅ, ଏହାହିଁ ମୁଁ କାମନା କରିବି, ସେଇଥିରୁ ହିଁ ମୁଁ ତୁମକୁ ସାହାଯ୍ୟ କରିବି । ମୋ'ର ଆପଣାର ବାଟ କ'ଣ, ମୁଁ ଠିକ୍ ଠିକ୍ ଏପର୍ଯ୍ୟନ୍ତ ଜାଣେନାହିଁ । ପରିସ୍ଥିତି ଅନୁସାରେ ମୋ'ର ହୃଦୟ ଭିତରର କୌଣସି ଶକ୍ତି, ଯାହା ମୋତେ ବାଟ କଢ଼ାଇ ନେଇଯାଏ । ମୁଁ କେବଳ ଚାଲେ । ତୁମେ ନିର୍ଭୟ ହୋଇ, ଖୁସି ହୋଇ ଅପ୍ରମତ୍ତ ହୋଇ ତୁମ ବାଟରେ ଯାଅ ।

୩– ମୋତେ କ୍ଷମା ମାଗିବ ନାହିଁ । ଭଗବାନ ହିଁ ମଣିଷକୁ କ୍ଷମାଦେବେ । ମଣିଷ ମଣିଷକୁ କେବଳ ବୁଝିବ, ଆପଣା ଜୀବନର ସ୍ନେହ ଓ ସହୃଦୟତା ଦେଇ ମଣିଷକୁ ଆପଣାର କରିନେବ । ଜୀବନରେ ମୁଁ ଦୋଷର ବିଚାର ବେଶୀ କରିପାରେ ନାହିଁ । ମୋ'ର ସବୁ ଦୋଷ ସତ୍ତ୍ୱେ ଭଗବାନ ଯଦି ମୋତେ ଅସ୍ୱୀକାର କରୁନାହାନ୍ତି, ତେବେ ମୁଁ କାହିଁକି କାହାର ଦୋଷ ବା ତ୍ରୁଟି ପକାଶେ ମଣିଷକୁ ଅସ୍ୱୀକାର କରିବି ? ଆମେ ସମସ୍ତେ ଭଗବାନଙ୍କର ପୁତ୍ର—କ୍ଷମା ସେହି ପିତା ହିଁ ଦେବେ, ଆମେ ସମସ୍ତେ ଆମକୁ ଭାଇ ଭାଇ ବୋଲି ଆଦରରେ ଗ୍ରହଣ କରିବା । ମୁଁ ତୁମ ଉପରେ ଅନେକଥର ରାଗିଚି, ଭବିଷ୍ୟତରେ ମଧ୍ୟ ରାଗିବି । କିନ୍ତୁ ସେଥିଲାଗି ମୁଁ ତୁମଠାରୁ ଦୂରକୁ ଚାଲିଯାଇଚି ବୋଲି କେବେ ଭାବନାହିଁ । ମୋ' ଉପରେ ତୁମେ ଯଦି କେବେ ରାଗିଥାଅ, ତେବେ ନିଜକୁ ଅପରାଧୀ ବୋଲି ମନେ କରୁଚ କାହିଁକି ? ତୁମେ କ'ଣ ସେଥିଲାଗି ମୋ' ଠାରୁ ଦୂରକୁ ଚାଲିଯାଇଚ ?

Digitized by srujanika@gmail.com

୪– ସମୟ ଠିକ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ ସମୟ କେବେ ମିଳିବ ନାହିଁ । ତୁମେ ଯେବେ ମନର ସବୁକଥା କହିବାକୁ ଠିକ୍‌କରିବ, ମୋ'ର କାମ ଭିତରେ ମୋତେ ଅଟକାଇ ମୋତେ କହିପକାଅ । ତୁମକୁ ଅନେକ ନ ଜାଣିଲେ ତୁମର ବାଟରେ ମୁଁ କି ପରାମର୍ଶ ଦେଇପାରିବି ? ଉପଦେଶ ତ ଅନେକ ଦେବେ । ମୋ'ଠାରୁ ସେଥିରୁ ଗୁଡ଼ାଏ ଶୁଣି କ'ଣ କରିବ ? ମୋ' ପାଖରୁ ସଙ୍କୋଚ ଛାଡ଼ । ମୋ'ର ସବୁ ତ୍ରୁଟି ସତ୍ତ୍ୱେ ମୋତେ ବାଟୋଇ ହିସାବରେ ଗ୍ରହଣ କର । ତା' ହେଲେ ଜୀବନରୁ ଅନେକ ସଙ୍କୋଚ ଚାଲିଯିବ । ମୁହଁରେ ଆନନ୍ଦ ଫୁଟି ଉଠିବ । ତୁମ ଭିତରେ ବିକାଶ ଲାଗି ଅପେକ୍ଷା କରି ରହିଥିବ । ଫୁଲର ରୂପ ବାହାରେ ମଧ୍ୟ ଝଲକି ଉଠିବ ।

୫– ମୋ'ର ପଛଘୁଞ୍ଚା କଥାଶୁଣି ଦବିଯାଅ ନାହିଁ । ତୁମ ପାଖରୁ ଜଣେ ଚାଲିଗଲେ ଯେ ତୁମର ସବୁ ଉଦ୍ୟମ ଓ ଉତ୍ସାହ ଯେ ମରିଯିବ, ଏକଥା କାହିଁକି ଭାବୁଚ ? ଗତ ଚାରିବର୍ଷର ଅଭିଜ୍ଞତା ପରେ ମୁଁ ବର୍ତ୍ତମାନ ଭାବୁଛି ଯେ ମୁଁ ତୁମମାନଙ୍କ ଲାଗି ଯଥେଷ୍ଟ ଯୋଗ୍ୟ ହୋଇପାରିନାହିଁ । ମୋ' କଥା ଭାବନାହିଁ । ଆପଣାର କଥାଭାବ । ତୁମେମାନେ ମୋ'ଠାରୁ ଅଧିକ ଶକ୍ତିଶାଳୀ ଓ ଅଧିକ ସ୍ନେହାସ୍ପଦ ହୋଇ ବିକଶିତ ହୁଅ, ଏହାହିଁ ମୁଁ ସବୁବେଳେ କାମନା କରିବି । ଏ ବିଷୟରେ ତୁମ ମନରେ ଯେଉଁ କଥାମାନ ଉଠୁଚି, ନିଃସଙ୍କୋଚରେ ମୋ' ସହିତ କଥାବାର୍ତ୍ତା ହୁଅ । ସବୁ ଶୁଣିବାର ଧୈର୍ଯ୍ୟ ମୋ'ର ଅଛି । ମଣିଷର ନିକଟରେ ରହିବା ହିଁ ମୋ ଜୀବନର ଏକ ବଡ଼ ଧର୍ମ ।

୭– ଏଇ ଅରଣ୍ୟର ଏକାନ୍ତ ନୈସର୍ଗିକ ସୌନ୍ଦର୍ଯ୍ୟ ଓ ଆଦିବାସୀ ଜୀବନର ସରଳ ସ୍ନେହମୟ ଜୀବନର ସଂସ୍ପର୍ଶରେ ଆସି ପ୍ରତିଦିନ ତୁମେ ନବଜନ୍ମ ଲାଭକର । ଆଉ ସେହି ଜନ୍ମହେବାର ଆନନ୍ଦରୁ ତୁମ ବଡ଼ଭାଇକୁ ଭାଗଦିଅ ।

୮ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉତ୍ତର ମୌଳିକ ବିଦ୍ୟାଳୟ । ଚମ୍ପତିମୁଣ୍ଡା, ୨୭।୧୨।୫୭

୨– ଏଣିକି ହିଂସ୍ରତା କଥା ନ ଭାବି ଅପରକୁ ସ୍ନେହ କରିବା କଥାହିଁ ବେଶୀ ଚିନ୍ତାକର । ଭଲ ଚିନ୍ତା କରି ମଣିଷ ମନ୍ଦକୁ ପାରି ହୋଇଯାଏ । ତୁମ ସହିତ ଆହୁରି ଯେତିକି ଯେତିକି ମିଶିବି, ସେତିକି ନାନା ସୂଚନା ପ୍ରସଙ୍ଗରେ ଏବିଷୟରେ ତୁମକୁ କହି ଦେଉଥିବି ।

୩– ଖାଲି ଏଇ ସ୍କୁଲରେ କ'ଣ ତୁମେ ଆଉ ମୁଁ ସାଥୀ ହୋଇ ବାଟଚାଲିବା ? ତେଣୁ, ମୋ'ର ଏଠାରେ ରହିବା ନ ରହିବା ବିଷୟରେ କାହିଁକି ଏତେ ଗୁରୁତ୍ୱ ଦେଉଛ ? ବାଟରେ ଚାଲି ଆନନ୍ଦ ପାଇବାର ଆଗ୍ରହ ଆମ ଭିତରେ ଜାଗ୍ରତ ରହିଥିଲେ, ଆମେ ଯୋଜନେ ଦୂରରୁ ମଧ୍ୟ ପରସ୍ପରକୁ ସାହାଯ୍ୟ କରିପାରିବା ।

୫– ପ୍ରାର୍ଥନା ଦ୍ୱାରା ହିଁ ମଣିଷ ଭଗବାନଙ୍କର ଆଶୀର୍ବାଦ ପାଏ । ଯିଏ ତାଙ୍କର ଆଶୀର୍ବାଦ ପାଏ, ତା'ର ମନ ସୁସ୍ଥ ରହେ । ମନର ସ୍ୱାସ୍ଥ୍ୟ ଆସିଲେ ଦେହର ସ୍ୱାସ୍ଥ୍ୟ ବଳେ ଆସେ ।

୬– ସକାଳର ନୀରବ ଅଥଚ ସ୍ପନ୍ଦନୀୟ ଆକାଶ ତୁମର ବନ୍ଧୁ । ତାକୁ ଭୁଲିବ ନାହିଁ ।

Digitized by srujanika@gmail.com

୯ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉତ୍ତର ମୌଳିକ ବିଦ୍ୟାଳୟ ।
ଚମ୍ପତିମୁଣ୍ଡା, ୩।୧।୫୮
୧– ମୁଁ ଏଠି ଖାଉଥିବି, ଅଥଚ ମୋ'ରି ଜାଣିବାରେ ଆଉ ଜଣେ ଭାଇ ଉପାସ ରହୁଥିବ, ଏହା ମୋତେ କଷ୍ଟଦେବ । ମୋ'ର ମନଟା ଅନ୍ୟମାନଙ୍କ ପରି ସବଳ ନୁହେଁ । ମଣିଷର ଅଜାଣତରେ ତ ଅନେକ କଥା ଘଟେ । ତଥାପି ଜାଣିବାରେ ଯାହାଘଟେ, ସେଇଟାର ଆଘାତ ଆଗେବାଜେ ।
୩– ଆପଣାକୁ ଶକ୍ତିମାନ କରି ଗଢ଼ିବା ବିଷୟରେ ବେଶୀ ଚିନ୍ତା କର । କେବଳ କେତେଟା ସଂସ୍କାରକୁ ଧରି ପଡ଼ିରହିଥିଲେ ମଧ୍ୟ ମଣିଷ ଗୋଟାଏ ପ୍ରକାର ଶକ୍ତିପାଏ । କିନ୍ତୁ ସେଶକ୍ତି ବଡ଼ ଉଗ୍ର ଓ ଉତ୍ତେଜିତ କରିରଖେ । ଆଗକୁ ନେଇପାରେ ନାହିଁ । ଆପଣାକୁ ସମସ୍ତଙ୍କ ଲାଗି, ସବୁ କ୍ଷେତ୍ରଲାଗି ବିକଶିତ କରିଦେବାର ଶକ୍ତି ତୁମର ହେଉ । ଅନ୍ୟକୁ ରୋଗୀ ଦେଖି ଆପେ ରୋଗୀ ହୁଅନାହିଁ । ଆପଣାର ଶକ୍ତିକୁ ବିକାଶ କରି ଅନ୍ୟକୁ ଶକ୍ତିଶାଳୀ କର ।

୧୦ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଚମ୍ପତିମୁଣ୍ଡା ।
ଚମ୍ପତିମୁଣ୍ଡା, ୯।୧।୫୮
୧– ମୋ'ର ଯେତେଶକ୍ତି ଅଛି ବୋଲି ତୁମେ ବିଶ୍ୱାସ କରୁଚ, ପ୍ରକୃତରେ ମୁଁ ସେତେ ଶକ୍ତିମାନ ନୁହେଁ । ଆରବର୍ଷ ସେହିପରି ମୋତେ ନେଇ କେତେ କ'ଣ ବଡ ବଡ ଧାରଣା କରୁଥିଲା । କିନ୍ତୁ ତା'ପରେ ମୁଁ କେତେ କ୍ଷୁଦ୍ର ତା'ର ପ୍ରମାଣ ପାଇଲ । ଏବର୍ଷ ସେପରି କୌଣସି ଭୁଲ ନ କରିବାକୁ ଅନୁରୋଧ ।
୩– ଉପନିଷଦ୍ ବୁଝିବା ପୂର୍ବରୁ ଅନେକ ତିଆରି ହେବା ଦରକାର । ମୋ'ର ଭାରି ଇଚ୍ଛା ତୁମେ ବିଭିନ୍ନ ଉପନିଷଦ୍‌ର ଅନେକ ଶ୍ଳୋକ ମୁଖସ୍ଥ କରିପକାଅ । ସୋପାନ ବେଳେ ଯେଉଁ ଗୁଡ଼ାକର ଅର୍ଥ ତୁମକୁ ଭଲ ଲାଗୁଛି, ବାଛି ବାଛି ଆଗ ସେଗୁଡ଼ାକୁ କଣ୍ଠସ୍ଥ କରିଦିଅ । ତଦ୍ଦ୍ୱାରା ଉପକାର ପାଇବ । ସଂସ୍କୃତ ଉଚ୍ଚାରଣ ଭଲହେବା ଏକ ଗୌରବର କଥା । ମୁଖସ୍ଥ କରୁଥିବା ଶ୍ଳୋକର ଅର୍ଥକୁ ଭଲକରି ବୁଝ ଓ ଆପଣାର ଭାଷ୍ୟରେ ସେଗୁଡ଼ିକୁ ଲେଖିବାକୁ ଚେଷ୍ଟାକର ।
୪– ମହାପୁରୁଷ ମାନଙ୍କର ଚରିତ ନ ପଢ଼ି ସେମାନଙ୍କର ନିଜର ଲେଖାମାନ ପଢ଼ । ... ବିବେକାନନ୍ଦଙ୍କର ଚିଠି ଏକ ବିରାଟ ଗ୍ରନ୍ଥ । ତାକୁଇ ପଢ଼ ଓ ପାରୁଚ ତ କିଛି ଅଂଶ– ତୁମକୁ ଯାହା ଭାରି ଭଲ ଲାଗୁଚି – ଅନୁବାଦ କର ।
୬– ସାହିତ୍ୟ ବା କବିତାର ରସିକ ହେବା ପୂର୍ବରୁ ଆଗ ଅନୁଭବ କରିବା ଶିଖ । ଆପଣାର ଅର୍ଜିତ ଜ୍ଞାନକୁ ମଧ୍ୟ ଅଧିକ ଅନୁଭବ କରିବାରେ ନିୟୋଜିତ କର । ସାହିତ୍ୟ ଗନ୍ତାଘରର ଏହା ହିଁ ଚାବିକାଠି । ଅଧ୍ୟୟନ ଯେତିକି ଗଭୀର ଓ ବ୍ୟାପକ ହେବ, ଅନୁଭବ ଶକ୍ତି ସେତିକି ସମଗ୍ର ଓ ସ୍ୱାଭାବିକ ହେବ, ସାହିତ୍ୟ ମନ୍ଦିରର ବାଟ ତୁମଲାଗି ସେତିକି ଖୋଲିଯିବ ।

Digitized by srujanika@gmail.com

୭– ଚିହ୍ନିବା ବିଷୟରେ ମୁଁ କ'ଣ ଲେଖିବି ? ସେ କ'ଣ ସହଜ କଥା ? ସମସ୍ତଙ୍କର ଚିହ୍ନିବା ରୀତି ମଧ ସମାନ ନୁହେଁ । ତୁମର ସ୍ୱକୀୟ ରୀତି ତୁମକୁ ଆବିଷ୍କାର କରିବାକୁ ପଡ଼ିବ । ... ହୃଦୟର ଦ୍ୱାର ଖୋଲିବା ସଙ୍ଗେ ସଙ୍ଗେ ତୁମେ ଚିହ୍ନି ଶିଖିବ । ଆପଣାକୁ ବା ଅପରକୁ ଅପରାଧୀ କରିବାର ମୋହ ଯେତିକି କମିଯିବ ଓ ଭଗବାନଙ୍କ ଉପରେ ଯେତିକି ବିଶ୍ୱାସ ବଢ଼ିବ, ଏ ଧୂଳିମାଟିର ମଇଳା ମଣିଷ ଜୀବନକୁ ତୁମେ ସେତିକି ଭଲ ପାଇ ଶିଖିବ ।

୮– ଏଠି ଏବେ ଯେଉଁ ଗୋଳମାଳ ହେଉଚି, ଏସବୁ ଶୁଣି ଶୁଣି ମୁଁ ହୁଏତ ଦିନେ ପାଗଳ ହୋଇଯିବି । ତୁମର ଜଣେ ଦୁର୍ବଳ ବଡ଼ଭାଇ ପ୍ରତି ତୁମେମାନେ କ'ଣ ଏତିକି ଦୟା କରିବ ନାହିଁ ?

୧୧ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉଉର ମୌଳିକ ବିଦ୍ୟାଳୟ । ଚମ୍ପତିମୁଣ୍ଡା, ୨୦।୧।୫୮

୧– ମଣିଷର ଅପରାଧକୁ ତାକୁ ଭୁଲିବାକୁ ଦିଅ, ନହେଲେ ଅପରାଧର ବାଟକୁ ସେ ଛାଡ଼ିପାରିବ ନାହିଁ । ତେଣୁ ମୁଁ ଯେବେ ମୋ'ର ସମୟକୁ ଓ ଚିନ୍ତାକୁ ଆପଣା ବାଟରେ ନିୟୋଜିତ ରଖିବାକୁ ଚେଷ୍ଟା କରୁଚି, ତୁମେ ମୋ'ର ଅପରାଧଗୁଡ଼ାକୁ ମୋତେ ମନେ ପକାଇ ଦେଉଚ । ଏହାଦ୍ୱାରା ତୁମେ ସାନଭାଇର କର୍ତ୍ତବ୍ୟ କରୁନାହଁ । ଏପରି ହିଂସ୍ର ହେବାରେ କାହାରି କୌଣସି ଲାଭ ହେବନାହିଁ । ତୁମର ଦୃଷ୍ଟିଟା ହିଁ ସୀମାବଦ୍ଧ ହୋଇ ରହିବ ।

୨– ମୋତେ ଦେଖିଲାବେଳକୁ ହୁଏତ ମୋ'ର ଅପରାଧ ଗୁଡ଼ାକ ହିଁ ତୁମର ମନେ ପଡ଼ିଯାଉଚି । ଏହାକୁ ବାଦ୍‌ଦେଇ ବା ଭୁଲିଯାଇ କିଛି କହିବା ବା ଭାବିବା ତୁମ ପକ୍ଷରେ ସମ୍ଭବ ହୋଇପାରୁନାହିଁ । ମୁଁ ଦେବତା ନୁହେଁ, ସେଥିଲାଗି ଅନ୍ୟର ଅପରାଧଗୁଡ଼ାକ ମୋ' ଆଖିରେ ପଡ଼େନାହିଁ । ମୋ'ର ଅପରାଧ ବିଷୟରେ ଆଉ ଭଗବାନଙ୍କୁ ପ୍ରାର୍ଥନା ନ କରିବାକୁ ବିନୀତ ଅନୁରୋଧ । ଭଗବାନଙ୍କୁ ମୁଁ ଯେତିକି ଅନୁଭବ କରିଚି, ସେଥିରୁ ମୋ'ର ଦୃଢ଼ ବିଶ୍ୱାସ ହେଉଚି ଯେ, ଭଗବାନ ଅପରାଧୀକୁ ମଧ ଆଦର କରି କୋଳକୁ ଟାଣି ନିଅନ୍ତି ।

୩– ମୋ'ର ସବୁହୀନତା ସତ୍ତ୍ୱେ ଅନ୍ୟକୁ ଠକିବା ଭଳି ଚତୁରତା ମୋ'ର ନାହିଁ । ତୁମକୁ ପାଞ୍ଚ ପଦ ଭଲକଥା କହି ଠକିଦେବି ନାହିଁ ବୋଲି ଭାବି ତୁମକୁ କହିଥିଲି ଯେ, ପାଞ୍ଚବର୍ଷ ପରେ ମୁଁ ତୁମ ପ୍ରଶ୍ନର ଉତ୍ତର ଦେବି । ମୋତେ ଚିଠି ଲେଖି ସେତେବେଳେ ମୋ' ବିଷୟରେ ତୁମେ ଅନ୍ୟମାନଙ୍କଠାରୁ ପରାମର୍ଶ ନେଉଥିଲ ନା ଅନ୍ୟମାନଙ୍କୁ ପରାମର୍ଶ ଦେଉଥିଲ ବୋଲି ମୁଁ କଳ୍ପନା କରିନଥିଲି । ... ସଂସାରରେ ଟିକିଏ ଚତୁର ହୋଇଥିଲେ ଏହା ମୁଁ କରିଥାନ୍ତି କି ?

୪– ତୁମ ଡ଼ାଏରୀ ପଢ଼ି ମୁଁ ବଡ଼ ଦୁଃଖିତ । ଜଣେ ମଣିଷ ଏଠୁ ଚାଲିଯିବ ବୋଲି ତୁମେ ଏତେ କାତର ହୋଇପଡ଼ିଚ । ଏହା ଲଜ୍ଜାର କଥା । ଏ ପାପୀକୁ ତୁମମାନଙ୍କ ପାଖରୁ

Digitized by srujanika@gmail.com

ଲୁଚିଯିବାର ଅନୁମତି ଦିଅ । ମୋ'ର ଏଠୁ ଚାଲିଯିବାକୁ ତୁମେ ଯେତିକି ଗୁରୁତ୍ୱ ଦେଉଚ, ଆପଣାକୁ ଜାଣିବାକୁ ଓ ଆପଣା ବାଟରେ ଯିବାକୁ ସେତିକି ଗୁରୁତ୍ୱ ଦେଲେ ମୁଁ ଖୁସୀ ହେବି । ଗୋଟାଏ କଥା ମୁଁ କହିରଖୁଚି, ଏଠାରୁ ଗଲାବେଳେ ମୁଁ ଚୋରପରି ଯିବିନାହିଁ । କଟକ ଯିବାକଥା କହି ବାହାରି ଯିବିନାହିଁ । ସମସ୍ତଙ୍କଠାରୁ ବିଦାୟ ନେଇଯିବି । ତେଣୁ, କାହାଠାରୁ କ'ଣ ଶୁଣି ବିଚଳିତ ନହେବାକୁ ଅନୁରୋଧ କରୁଚି ।

୬– ଆଜି ସୂର୍ଯ୍ୟ ଉଠୁଥିବା ବେଳେ ଏବେ ମୁଁ ଲେଖୁଚି । ତେଣୁ ଅତରର ଭାବନାକୁ ହିଁ ଲେଖୁଚି । ତୁମର ଜଣେ ବଡ଼ଭାଇ ହିସାବରେ ହିଁ ମୁଁ ଏହା ଲେଖୁଚି । ସଂସାରରେ ଆଉ କାହାର ବିଚାର ନକରି ଆପଣାର ବିଚାର କରିବା ଭାରିକଷ୍ଟ । ତୁମ ଭାବନାକୁ ମତେ ସବୁବେଳେ କହିବାର ବା ଲେଖିବାର ଅଧିକାର ତୁମର ଅଛି ।

୧୨ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉଚ୍ଚତର ମୌଳିକ ବିଦ୍ୟାଳୟ । ଚମ୍ପତିମୁଣ୍ଡା, ୨୨।୧।୫୮

୧– ଭଗବାନଙ୍କ ଉପରେ ବିଶ୍ୱାସ ବଢ଼ିଲେ ମନ ସ୍ଥିର ହୁଏ । ଯେତେବେଳଯାଏ ସଂସାରଟାକୁ ଉପଦେଶର ବାଣମାରି ଭଲ କରିଦେବାର ଦମ୍ଭ ମଣିଷର ଥାଏ, ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ ବିଶ୍ୱାସ କରିନଥାଏ, ତେଣୁ ସଂସାରକୁ ଭଲପାଇ ପାରେ ନାହିଁ । ସଂସାରରେ ଟିକିଏ ଟିକିଏ ବ୍ୟତିକ୍ରମ ଦେଖି ସେ ଧୈର୍ଯ୍ୟ ହରାଇବସେ । ତୁମ ମନକୁ ବାଧ କରି ସ୍ଥିର କରିବାକୁ କହୁନାହିଁ । ତେବେ ତ ତମେ ଆହୁରି ସଂକୀର୍ଣ୍ଣ ଓ ଅସହିଷ୍ଣୁ ହୋଇପଡ଼ିବ । ମନକୁ ପ୍ରସାରିତ କରିଦିଅ, ସେଥିରେ ସମସ୍ତଙ୍କ ପାଇଁ ସ୍ଥାନ ରହୁ, ସବୁରି ପାଇଁ ସ୍ନେହ ଓ ସହାନୁଭୂତି ରହୁ, ଆପଣା ପାଇଁ ମଧ ରହୁ । ତେବେ ଦେଖିବ ହୃଦୟର ଅନେକ ଜର ଆପେ ଭଲ ହୋଇଯିବ । ଉପର ଦୁନିଆରେ ଭଲମନ୍ଦରେ ବିଚଳିତ ନ ହୋଇ ତୁମେ ଯେତିକି ଗଭୀରକୁ ଯିବ, ସେତିକି ଏ ଦୁନିଆକୁ ନେଇ ତୁମେ ଆନନ୍ଦ ପାଇବ । ଅନ୍ୟର ଅସୁନ୍ଦରତାକୁ ଦେଖି ସହି ନପାରିବା ଜୀବନର ନୀତି ହେବା ଉଚିତ ନୁହେଁ । ଏପରି ଗୋଟାଏ ନୀତିବାଦ ମଣିଷକୁ ସବୁଠାରୁ ଅଧିକ ଦୁଃଖ ଦେଇଚି । ଆପଣାକୁ ସବୁରି ଦୁଆରେ ସମର୍ପଣ କରିପାରିବାର ପଦ୍ଧତି ହେଉଚି ଜୀବନକୁ ଆନନ୍ଦ ରୂପେ ଉପଭୋଗ କରିବାର ପଦ୍ଧତି ।

୨– ଭାଷାରେ ବନାନ ଭୁଲ ମୋତେ ଭଲ ଲାଗେନାହିଁ । ଆତ୍ମ ଅବହେଳାର ଏ ଗୋଟାଏ ଲକ୍ଷଣ । ଭାଷାକୁ ଭଲକରି ଶିଖିବା ହେଉଚି ପୃଥିବୀର ମଣିଷକୁ ଭଲ ପାଇବାର ଏକ ପ୍ରଶସ୍ତ ବାଟ । ଏଇ କଥା ଭୁଲିଲେ ଚଳିବ ନାହିଁ ।

୩– ଆପଣାର ଦୁର୍ବଳତାକୁ ଭୟ କରନାହିଁ ବା ସେଥିଲାଗି ଆପଣାକୁ ଛୋଟ ମନେ କରନାହିଁ । ନିଜର ଦୁର୍ବଳତାକୁ ଶ୍ରଦ୍ଧାକରି ଶିଖିଲେ ଯାଇ ଶୁଦ୍ଧଭାବରେ ସେ ସବୁକୁ ଦୂର କରିପାରିବ । ନହେଲେ ତାକୁ ତଳକୁ ଚାପିଦେବା ହିଁ ସାର ହେବ । ସଂସାରରେ ନିଜକୁ ସବଳ ବୋଲି ଦେଖାଇବାକୁ ଯାଇ ଭିତରେ ଦୁର୍ବଳତାର ଗୁହଗୁଡ଼ାକୁ ଲୁଚାଇ ରଖିଲେ ଜୀବନରେ କି ଆନନ୍ଦ ମିଳିବ ? ମନୋବିଜ୍ଞାନ ବିଷୟରେ ଜାଣିବା ସଙ୍ଗେ ସଙ୍ଗେ ଏସବୁ

Digitized by srujanika@gmail.com

କଥା ଅଧିକ ବୁଝିପାରିବ । ମୁଁ ତୁମକୁ ଭଲ ବୋଲି ଭାବିନାହିଁ, ଭାଇ ବୋଲି ଭାବିଚି । ସବୁ ଭଲ ଖରାପର ଉପର ପରଦା ଭେଦକରି ମୋ'ର ଭାଇକୁ ଚିହ୍ନି ଆଦର କରି ପାଖରେ ରଖିବା ମୋ'ର ଧର୍ମ ବୋଲି ଗ୍ରହଣ କରିଚି । ସଂସାରରେ ସବୁଠାରେ ସେହିପରି କରିବାକୁ ଚେଷ୍ଟା କରୁଚି ।

୪– ସଂସାରରେ ନୀତିବାଦୀ ଅନେକ ଅଛନ୍ତି, କିନ୍ତୁ ମଣିଷ ଖୁବ୍ କମ୍ ଅଛନ୍ତି । ନୀତିବାଦୀ ହୁଅନାହିଁ, ଉଦାର ହୁଅ । ଭଗବାନଙ୍କର ନୀତି ହେଉଚି ଉଦାରତାର ନୀତି । ଅଥଚ ମଣିଷ ହୋଇ ଭଗବାନଙ୍କର ନାମଧରି ପୋଲିସ୍‌ର ବେଉସା କରୁଚି । ଆପଣା ଭିତରର ହିଂସ୍ର ଭୀତ ଚୋରକୁ ସେ ଭଗବାନଙ୍କ ପାଖରେ ଠିଆ କରିବାକୁ ଭୟ କରୁଚି । ମୁଁ ନିଜକୁ ପାପୀ ବୋଲି ଭାବିନାହିଁ । ପୁଣ୍ୟକୁ ଭଲପାଇ ପାପ କଟାଉବାର ଏକ ମଣିଷ ବୋଲି ଭାବିଚି ।

୫– ଆପଣାକୁ ଛୋଟ ମନେକରି ମୁଁ ଏଠାରୁ ଯିବାକୁ ବସିନାହିଁ । ଏଠିରହି ତୁମମାନଙ୍କର କିଛି ମଙ୍ଗଳ କରିପାରିବି ନାହିଁ । ଏଠି ସ୍ୱାଧୀନତା ନାହିଁ, ସ୍ୱଧର୍ମ ଆଚରଣ କରିବା ଲାଗି ଯଥେଷ୍ଟ ଖାଦ୍ୟ ଏଠି ନାହିଁ । ମଣିଷପିଲାଙ୍କୁ ମୁଁ ପଶୁପରି ବ୍ୟବହାର କରିପାରିବି ନାହିଁ । ଏଠି ବଡ଼ କ୍ଷେତ୍ରରେ ଅସହିଷ୍ଣୁ ନୀତିବାଦୀ ହେବା ଅପେକ୍ଷା ମୋ'ର କ୍ଷୁଦ୍ର କ୍ଷେତ୍ରରେ ଜଣେ ମଣିଷ ହେବାକୁ ମୁଁ ଅଧିକ ଉପାଦେୟ ବୋଲି ଭାବୁଚି ।

୧୩ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉତ୍ତର ମୌଳିକ ବିଦ୍ୟାଳୟ । ଚମ୍ପତିମୁଣ୍ଡା, ୩୦।୧।୫୮

୧– ଭାଗବତର ମୂଳ ଓ ଅନୁବାଦ ସଂସ୍କୃତ ବହି ସହିତ ଅଛି । ଅଧ୍ୟାତ୍ମ ରାମାୟଣ ବା ଯୋଗବଶିଷ୍ଠ ରାମାୟଣ ପଢ଼ିପାର । 'କଲ୍ୟାଣ' ପତ୍ରିକାର 'ହିନ୍ଦୁ ସଂସ୍କୃତି' ଅଙ୍କ ପଢ଼ିବାକୁ ଚେଷ୍ଟାକର । କିନ୍ତୁ ଏସବୁ ବଡ଼ ଗ୍ରନ୍ଥ ପଢ଼ିବାକୁ ହେଲେ ଅଧିକ ଧୈର୍ଯ୍ୟ ଦରକାର ଓ ପଢ଼ିବାର ଗତି ବଢ଼ିବା ଦରକାର ।

୨– 'ଉପର ଡ଼ାଳର ଚଢ଼େଇ' ତୁମକୁ ମୁଁ କାହିଁକି କହିଥିଲି ମୋ'ର ତାହା ଆଉ ମନେନାହିଁ । ପଦେ ପଦେ କଥାରେ ଦବିଯାଅନାହିଁ । ଅନ୍ୟର କଥାରେ ପ୍ରଭାବିତ ହେବା ପୂର୍ବରୁ ଅନ୍ୟକୁ ବୁଝିବାକୁ ଚେଷ୍ଟାକର । ଅନ୍ୟଜଣେ କୌଣସି ବିଶେଷ ଉଦ୍ଦେଶ୍ୟ ରଖି ମୋତେ କିଛି କହୁଚି, ଏହାର ପୁନଃ ପୁନଃ ପ୍ରମାଣ ନ ପାଇଲା ଯାଏ, ତୁମେ ଅନ୍ୟ କଥାରେ ଏତେ ବିବ୍ରତ ହୋଇପଡ଼ିବ କାହିଁକି ?

୪– ପ୍ରଥମେ ଚାରିମାସ ସବୁଭାଷାର କବିତା ବହି ପଢ଼ । ଅଧିକ ଅନୁଭବ କରି ଶିଖ । ମଣିଷ ଓ ଜୀବନକୁ ଅତି ଆପଣାର ପରି ଅନୁଭବ କରିଜାଣ । ଦୁର୍ବଳ ମଣିଷକୁ ମଧ ଭଲପାଅ, ଖରାପ ଭିତରେ ମଧ ଭଲର ସମ୍ଭାବନା ଦେଖ । ତେବେ ଅତି ସହଜରେ କବିତା ଫୁଟିଉଠିବ ।

୫– ତୁମର ତେଣେ କାହିଁକି ଏତେ ଗୋଳମାଳ ହେଉଚି ? ସବୁବେଳେ ଏତେ ପାଟି ଓ ହସ ହେଉଚି କାହିଁକି ? ଏଗୁଡ଼ାକ ଶୁଣି ଶୁଣି ମୁଁ ଦିନେ ପାଗଳ ହୋଇ ଏଠୁ ପଳାଇବି ।

Digitized by srujanika@gmail.com

୧୪ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ଉଉର ମୌଳିକ ବିଦ୍ୟାଳୟ ।
ଚମ୍ପତିମୁଣ୍ଡା, ୧୯।୨।୫୮

୧– ବୁଦ୍ଧଦେବ ଶତ୍ରୁଙ୍କୁ ମଧ ଭଲପାଇବାକୁ କହିଥିଲେ । କ୍ରୋଧକୁ ଅକ୍ରୋଧ ଦ୍ୱାରା ଓ ଅପରାଧକୁ ପ୍ରେମଦ୍ୱାରା ଜୟ କରିବାକୁ କହିଥିଲେ । ଏହାକୁ ଖାଲି ନୀତିବାକ୍ୟ ରୂପେ ଗ୍ରହଣ କଲେ ଆମେ ଭୁଲ କରିବା । ବ୍ରାହ୍ମଣ୍ୟଧର୍ମ ନୀତିବାଦ ଓ ସଂସ୍କାର ଉପରେ ଅତିରିକ୍ତ ଜୋର ଦେଇ ମଣିଷ ମଣିଷ ଭିତରେ ଅନେକ ଘୃଣା ସୃଷ୍ଟି କରିଥିଲା । ବୁଦ୍ଧଦେବ ସେହି ଘୃଣାକୁ ପୋଛିଦେବାକୁ ଚାହିଥିଲେ । ସେଇଥିରୁ ତାଙ୍କର ମୈତ୍ରୀ ଓ କରୁଣା ଆରମ୍ଭ ହୋଇଚି । ତୁମେ ଯଥେଷ୍ଟ ଅନୁଭବ କରିପାରୁନାହଁ । ତା'ର କାରଣ ହୁଏତ ଅତି ଭଦ୍ରବେଶରେ ତୁମ ଭିତରେ କେଉଁଠି ଘୃଣା ଆସନ ମାଡ଼ିବସିଚି । ନୀତିବାଦୀ କଦାପି ସଂସାରକୁ ବଦଳାଇ ପାରିବ ନାହିଁ, କାରଣ ସେ ମଣିଷ ଅପେକ୍ଷା କ୍ଷତିଟାକୁ ହିଁ ବଡ଼କରି ଦେଖେ । ତେଣୁ ସେ ଉପରଟାକୁ କେବଳ ବଦଳାଇବାକୁ ଚାହେ । କେବଳ ପ୍ରେମ ହିଁ ଭିତରଟାକୁ ବଦଳାଏ । ଆପଣାକୁ ଓ ଅପରକୁ ଅଧିକ ଭଲପାଅ, ଭିତରେ ଯେଉଁଠି ଯେବେ ଗଣ୍ଠି ପଡ଼ିବ, ସବୁ ମୋହ ଛାଡ଼ି ତାକୁ ଫିଟାଇଦିଅ । ସବୁ ରକମର କର୍କଶଠାରୁ ଦୂରରେ ରହ । ସଂସାରର ଓ ଆପଣାର ଦୁଃଖକୁ ବୁଝିବାକୁ ଚେଷ୍ଟାକର, ଆଘାତକରି ଦାବିଦିଅ ନାହିଁ । ଅନୁଭବ ଶକ୍ତି ବଢ଼ିବ ଓ ଜୀବନକୁ ଆନନ୍ଦମୟ ଭାବରେ ଦେଖିବାକୁ ପାଇବ ।

୨– ଯୋଉ ଭାଇଙ୍କୁ ତୁମେ ସଜାଡ଼ିବାକୁ ଚାହୁଁଚ, ତାଙ୍କୁ ଆଗ ଭଲପାଅ । କାହିଁକି ସେ ଘରକୁ ଆସୁନାହାନ୍ତି ? ହୁଏତ ଘରଠାରୁ ବାହାର ତାଙ୍କୁ ଅଧିକ ଆକର୍ଷଣ କରୁଛି । ଘର ପ୍ରତି ତାଙ୍କର ଆକର୍ଷଣ ବଢ଼ାଇବାକୁ ଚେଷ୍ଟାକର । ତାଙ୍କୁ ଆପଣାର କରିନିଅ । ତାଙ୍କ ସହିତ ମିଶି ମନ ଖୋଲି ପଢ଼ାଶୁଣା ବା ନାନା ଆଲୋଚନା କର । ତାଙ୍କର ବନ୍ଧୁ ହୋଇପାରିଲେ ତାଙ୍କୁ ଘରକୁ ଟାଣି ଆଣିପାରିବ ।

୩– ତୁମ ଭିତରେ ରାଗ ରହିଚି ବୋଲି ଗୁରୁଜୀଙ୍କ ରାଗଟା ତମକୁ ଏତେ ବଡ଼ ହୋଇ ଦିଶୁଚି । ଶାନ୍ତ ମଣିଷ ସବୁରି ଭିତରେ ଶାନ୍ତିର ଅନୁଭବ କରେ । ଯାହା ଭିତରେ ଖୁସି ରହିଚି, ସେ ପହଞ୍ଚିବା ମାତ୍ରକେ ସମସ୍ତଙ୍କ ଭିତରେ ଖୁସି ହିଁ ଖେଳାଇଦିଏ । ଗଣିତ ପ୍ରତି ମନ ଛଡ଼ାଇଦେଲେ ଗୁରୁଜୀଙ୍କ ରାଗକୁ ଶାନ୍ତ କରିପାରିବ ନାହିଁ । ଗଣିତକୁ ଭଲପାଅ, ତେବେ ଗୁରୁଜୀଙ୍କୁ ଭଲ ପାଇ ଶିଖିବ ଏବଂ ଯାହାଙ୍କୁ ତୁମେ ଭଲ ପାଇବ, ତାଙ୍କର ରାଗକୁ ତୁମେ ଶାନ୍ତ କରିଦେଇ ପାରିବ ।

୪– ଖେଳିବାବେଳେ ତ ମୁଁ ନିଜକୁ ଭୁଲିଯାଏ, ଠିକ୍ ଯେମିତି ପ୍ରାର୍ଥନା ବେଳେ ତୁମମାନଙ୍କର ଶିକ୍ଷକ ବୋଲି ଭୁଲିଯାଏ । ତେଣୁ ତୁମର ଦୁର୍ବଳତା ପ୍ରତି ମୋର ଆଖି ରହିବ କିପରି ? ମୁଁ ଆଦୌ ସବଳ ନୁହେଁ, ତେଣୁ ମୋତେ ଏ ଗୁରୁଭାର ଦିଅନାହିଁ । ଖେଳିବା ବେଳେ ତୁମେ ଆପଣାକୁ ଭୁଲିଯାଇ ପାରନ୍ତ ନାହିଁ ? ତୁମ ଭିତରେ କୋଉଠି ଗୋଟାଏ ନୀତିବାଦୀ ବସି ତୁମ ନିଜକୁ ଘୃଣା କରୁଚି । ସେଇଥିଲାଗି ତୁମେ ଖରାପକୁ

Digitized by srujanika@gmail.com

ସଢ଼ାଢ଼ିବା ବ୍ୟତୀତ ଆପଣାର ଅନ୍ୟ କିଛି ବେଉସା ଅଛି ବୋଲି ଭାବିପାରୁନାହିଁ । ତୁମର କ'ଣ ଦୁର୍ବଳତା ଅଛି, ସେଗୁଡ଼ାକ କେବେ ମୁଁ ଦେଖେନାହିଁ । ସାନଭାଇ ହିସାବରେ ତୁମକୁ ଗ୍ରହଣ କରିଚି, ଏହାହିଁ ମୋ'ର ସବୁଠାରୁ ବଡ଼କଥା । ତେଣୁ ବଡ଼ଭାଇ ପ୍ରତି ଦୟାକର । ତାକୁ ଆଉ ତୁମ ଉପରେ କି ଆଉ କାହା ଉପରେ ପୋଲିସ୍‌ଗିରି ଶିଖାଅ ନାହିଁ । ଆପଣାକୁ ଭୁଲିଯାଅ, ଆପଣା ଭିତରର କାଳ୍ପନିକ ଦୁର୍ବଳତା ଗୁଡ଼ାକ ବିଷୟରେ ସତପ୍ତ ହୋଇ ଭାବିବା ମଧ୍ୟ ଗୋଟାଏ ମୋହ । ହୁଏତ ତୁମେ ଓଲଟା ଭାବୁଥିବ ।
୬– ସେଦିନ ତୁମ ଘରର ଗୋଳମାଳ ସକାଶେ ତୁମମାନଙ୍କ ଉପରେ ବିରକ୍ତ ହେଲି । ମୋ'ର କଥାର ଆଘାତରେ ତୁମର ଦେହ ଖରାପ ହେଲା, ... ମୋ'ର ମନରେ ଏହି ପାପ ଛୁଇଁଥିଲା । ବର୍ତ୍ତମାନ ମଧ୍ୟ ସେହିପରି ଗୋଟାଏ ଧାରଣା ବେଳେବେଳେ ହେଉଚି । ଆଉ ଗୋଳମାଳ ଭଲ ଲାଗୁନାହିଁ । ଯଦି ତୁମ ମନରେ ଆଘାତ ଓ ଆଞ୍ଚ ଆଣି ତୁମକୁ ଅସୁସ୍ଥ କରିବାରେ ସାହାଯ୍ୟ କରିଥାଏ, ତା'ହେଲେ ମୋ'ର ଦୋଷ କ୍ଷମା କରିବ ।

୧୫ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ଉଚ୍ଚତର ମୌଳିକ ବିଦ୍ୟାଳୟ ।
ଚମ୍ପତିମୁଣ୍ଡା, ୧୫।୩।୫୮
୧– ମୋ'ର ଭାଗ୍ୟଟା ଭାରିମନ୍ଦ । ତେଣୁ ମୋ'ର ପଥର ପରି ସାନଭାଇ ମଧ୍ୟ ଆପଣାକୁ ଆଜି ଏଡ଼େ ଦୁର୍ବଳ ମନେ କରୁଚି । ଏ ଦୁର୍ବଳତାକୁ ମୁଁ ସହିପାରିବି ନାହିଁ । ମୁଁ ସବୁରି ମୁହଁରେ ସବୁବେଳେ ଖୁସି ହିଁ ଦେଖିବାକୁ ଚାହେ ।
୨– ଭଗବାନ ହିଁ କ୍ଷମା କରିବାର କର୍ତ୍ତା । ମଣିଷ କେବଳ ସ୍ନେହ କରିବ, ବୁଝିବ, ସମଦୁଃଖୀ ହେବ ଓ ସବଳ ହେବ । ଏବଂ ସବୁକରି ଭଗବାନଙ୍କଠାରେ ହିଁ ବିଶ୍ୱାସ ରଖିବ ।
୩– ମନର ସରସତା ହରାଇବା ଓ ଆପଣାକୁ ଅପରାଧୀ ବୋଲି ମନେକରିବା ସବୁଠାରୁ ବଡ଼ ଦୋଷ ।
୪– ଏଥର ଏତେ ସହଜରେ ମୁଁ ତୁମକୁ ଛାଡ଼ିବାକୁ ରାଜୀ ନୁହେଁ । ତୁମେ ଯେତେ ଶୀଘ୍ର ପାରୁଚ ଆସି ମୋ' ପାଖରେ ସାନଭାଇ ପରି ବସ, ତୁମର ମନର କଥାସବୁ କହିଦିଅ, ଭିତରେ ବଳବାନ ହୁଅ । ମୋ' ପାଖକୁ ଆସିବାକୁ ତୁମକୁ ସଙ୍କୋଚ ଲାଗୁଚି, ଏହାଛଡ଼ା ମୋ'ର ଅଧିକ ନିନ୍ଦାର କଥା କ'ଣ ହୋଇପାରେ ? ମୋ'ର ଅନୁରୋଧ, ତୁମେ ବର୍ତ୍ତମାନ ଆସ, ଅର୍ଥାତ୍ ଯେତେ ଶୀଘ୍ର ସମ୍ଭବ ଆସ । ହୁଏତ ଆଜି ପାହାନ୍ତାରୁ ଆସିଲେ ସବୁଠାରୁ ସୁବିଧା ହେବ । ସକାଳ ଆକାଶକୁ ଅନାଇ ଅନାଇ ମନକୁ ଅନ୍ଧାର କରି ରଖିଥିବା ଅନେକ ଗ୍ଲାନି ଦୂର ହୋଇଯିବ ।
୫– ସେପରି ଦୁଃଚିନ୍ତାରେ ଘାରି ହୁଅନାହିଁ । ଗତ ତିନିମାସର ସଢ଼ାଢ଼ି ହୋଇ ଆସିଥିବା ମନକୁ ତୁମେ ପୁଣି ହରାଇ ବସିବ । ଏପରି ହେଲେ ତୁମକୁ ମୁଁ ଆତ୍ମଘାତୀ ବୋଲି କହିବି । ସଂସାରରେ କାଲି ଯେମିତି ଭଗବାନ ସବୁ ଦେଖୁଥିଲେ ଆଜି ମଧ୍ୟ ସେମିତି ଦେଖୁଚନ୍ତି । ନିନ୍ଦା ବା ପ୍ରଶଂସାରେ ଘଡ଼ିକୁ ଘଡ଼ି ଉତ୍ତେଜିତ ହୋଇ ଆମେ ମୂର୍ଖ ପରି ଆଚରଣ କରିବା କାହିଁକି ?

Digitized by srujanika@gmail.com

୬– ତୁମର ବଡ଼ଭାଇ ବଡ଼ ଦୁର୍ବଳ, ତୁମେ ଜାଣିଚ । ଆପେ ସବଳ ହୋଇ ତାକୁ ଶକ୍ତି ଦିଅ ।

୧୬ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୯ମ ସୋପାନ, ଉଚ୍ଚତର ମୌଳିକ ବିଦ୍ୟାଳୟ ।
ଚମ୍ପତିମୁଣ୍ଡା, ୨୪।୪।୫୮
୨– ଏଠୁ ଯିବାପରେ ତୁମ ସହିତ ସମ୍ପର୍କ ରଖିବା କଥା ଲେଖିଚ । ମୋ'ଠାରୁ ମନ୍ଦଭାଗ୍ୟ କେହିନାହିଁ । ଏ କ୍ଷେତ୍ରକୁ ଆସି କେତେ ସ୍ନେହ ଓ କେତେ ଶ୍ରଦ୍ଧା ମୁହିଁ ନଷ୍ଟ କରିଚି । ହୁଏତ ଏଇଥିପାଇଁ ଉପଯୁକ୍ତ ଅଭିଶାପ ମୋତେ ଭୋଗିବାକୁ ପଡ଼ିବ । ସେହି ଅଭିଶାପ ଫଳରେ ସମାଜରେ କୌଣସିଠାରେ ମୋ'ର ଆଉ ସ୍ଥାନ ନାହିଁ । ତୁମେମାନେ ସମସ୍ତେ ମୋତେ କ୍ଷମା କରିବ । ଏହାଠାରୁ ଅଧିକ କିଛି କହିବାର ନାହିଁ ।
୩– ଭଗବାନ ତୁମର ମଙ୍ଗଳ କରନ୍ତୁ । କୌଣସି ଦିନ ବଡ଼ଭାଇର ଛଦ୍ମବେଶରେ ଗୋଟାଏ ପାଷାଣ୍ଡକୁ ଆଣି ତୁମର ପଥ ରୁଦ୍ଧ ନ କରନ୍ତୁ ।

୧୭ । ଶ୍ରୀମାନ୍ ନନି ଗୋପାଲ୍ ପାଲିତ୍ (ବାଦଲ୍‌ଭାଇ), ଅନ୍ୟାସୀପୁର, କଟକ ।
ଅନୁଗୁଳ, ୬।୭।୫୮
ଏଠାକୁ ଆସି ଜାଣିଲି ଯେ, ଏମାନେ ତୁମକୁ ଆସିବାକୁ ବାଛିନାହାନ୍ତି । ଆଗରୁ ମଧ ମୁଁ ସେହିପରି ଆଶଙ୍କା କରୁଥିଲି । ତଥାପି ମୁଁ ଭାବୁଚି, ନ ଆସୁଚ ଭଲ ହୋଇଚି । କାରଣ ଏଠି ତ ସ୍କୁଲ ନାମରେ ପ୍ରହସନ ଲାଗିଚି– ବାସୁବାବୁ ଓ ସତ୍ୟବାଦୀଭାଇ ପ୍ରାୟ ସପ୍ତାହରେ ଥରେ ପ୍ରଧାନଶିକ୍ଷକର ପଗଡ଼ି ବଦଳାଉଚନ୍ତି । ତେଣୁ ସବୁ ଅସ୍ଥିରତା ଭିତରେ ରହିଚି । ଆଉ ଏଠି କିଛି ଚାଲିଲାପରି ଲାଗୁନାହିଁ । ଅଭାଗା ଚିରଭାଇ ତୁମକୁ କ'ଣ ବା ସାହାଯ୍ୟ କରିପାରିବ ? ମୋ'ର କାହା ଉପରେ କି ହାତ ଅଛି ? ଏତିକି ମୁଁ ବାର ବାର କହିବି ଯେ ତୁମେ ଯେପରି ଏଇଠି କେବେ ଅଟକି ନଯାଅ ଓ ନୈରାଶ୍ୟ ଭିତରେ ବସିନଯାଅ । ଯେପରି ହେଉ ପଛକେ ଆମକୁ ବାଟ ଚାଲିବାକୁ ହେବ, ମଣିଷସମାଜ ପାଇଁ ପ୍ରସ୍ତୁତ ହେବାକୁ ହେବ, ଏକଲବ୍ୟ ପରି ତଥାପି ଆମକୁ ଆପଣା ସାଧନାର ଏକାନ୍ତ ଅରଣ୍ୟରେ ତିଆରି ହେବାକୁ ପଡ଼ିବ । ସେବାଗ୍ରାମ ଯିବାକୁ ଭାବୁଚ ବୋଲି ଶୁଣିଲି । ଭାରି ଭଲହେବ । ସବୁହେଉ, କିନ୍ତୁ ଅଳସୁଆ ବସନାହିଁ ବା ନିରାଶ ହୁଅନାହିଁ । ପ୍ରତି ମାସରେ ଅନ୍ତତଃ ଖଣ୍ଡେ ଚିଠି ତୁମଠାରୁ ପୋ: ବାଗଲପୁର, ଜି: କଟକ ଠିକଣାରେ ପାଇଲେ ଖୁସିହେବି ।

୧୮ । ଶ୍ରୀମାନ୍ ଚୈତନ୍ୟ ପ୍ରସାଦ ସେଠି, ୯ମ ସୋପାନ, ଚମ୍ପତିମୁଣ୍ଡା ।
ଅନୁଗୁଳ, ୬।୭।୫୮
ତୁମେ ନୂଆଗାଁ ତଥା ଏଠାରୁ ଫେରିଯିବାର ଶୁଣି ଭାରି ଦୁଃଖ ଲାଗିଲା । ଯା'ଠାରୁ ଭଗବାନ ବେଶୀକାମର ଆଶା ରଖନ୍ତି, ସେ ତାକୁ ବେଶୀ ପରୀକ୍ଷା କରନ୍ତି, ସହଜ ବାଟରେ ତାକୁ ନିଅନ୍ତି ନାହିଁ । ସେଥିଲାଗି ଧୈର୍ଯ୍ୟ ଦରକାର । ମୋ'ର ମତ ଶାନ୍ତନୁ ବାବୁଙ୍କ ପାଖକୁ ଲେଖ। ତୁମଘରେ ବର୍ତ୍ତମାନ ଭାରି କଷ୍ଟରେ ପଡ଼ିଥିବେ । ମୋ' ଆଖିକୁ ସବୁ ଜଳଜଳ ଦେଖାଯାଉଚି । କ'ଣ କଲ ବାଗଲପୁର ଠିକଣାରେ ଚିଠି ଦେବ ।

Digitized by srujanika@gmail.com

୧୯ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୧୦ମ ଶ୍ରେଣୀ, ଶିଆଳ-ଖଣ୍ଡହତା ହାଇସ୍କୁଲ ।
ନୂଆଦିଲ୍ଲୀ, ୧୭।୧୧।୫୮
ଗୋଟିଏ ସୁଯୋଗ ପାଇ ମୁଁ ୧୫ ଦିନ ହେଲା ଏଠାକୁ ଆସିଚି । ଏହା ଭିତରେ ଆଗ୍ରା ଓ କୁରୁକ୍ଷେତ୍ର ଯାଇଥିଲି । କାଲି ଉଦୟପୁର (ରାଜସ୍ଥାନ) ଯାଉଚି । ତା'ପରେ ଇନ୍ଦୋର ଯିବି — ଭାଷା ଶିଖିବା ବିଷୟରେ ମୋ'ର ଗୋଟିଏ ପରାମର୍ଶ ଦେବାକୁ ଅଛି — ମାଟ୍ରିକ୍‌ର ଏଇ ଅଢ଼େଇ ବର୍ଷ ଭିତରେ ତୁମେ ଇଂରାଜୀକୁ ପକ୍କା କରିନିଅ — ଖାଲି ପାଠ୍ୟପୁସ୍ତକ ନୁହେଁ, ଯେ କୌଣସି ବହି ଓ ଖବରକାଗଜ ଇଂରାଜୀରେ ପାଉଚ, ତାକୁ ପଢ଼ିବାକୁ ଓ ବୁଝିବାକୁ ଚେଷ୍ଟାକର Nesfield ବ୍ୟାକରଣ ବହିରେ ଥିବା ଭାଷା ସମ୍ବନ୍ଧୀୟ ବିଷୟଗୁଡ଼ିକରେ ଯେପରି ତୁମର ଦକ୍ଷତା ଆସିଯାଏ । ମାଟ୍ରିକ୍ ପରେ ଉର୍ଦ୍ଦୁ ଶିଖିବ । ବର୍ତ୍ତମାନ ଖାଲି ବର୍ଣ୍ଣମାଳା ଶିଖିଲେ ଲାଭ କ'ଣ-ମୋ'ର ତ ମତ ଉର୍ଦ୍ଦୁ ଅପେକ୍ଷା ତେଲୁଗୁ ଶିଖିବା ଆମର ଆଗ କର୍ତ୍ତବ୍ୟ-ତେଲୁଗୁ ହେଉଚି ଆମ ପଡ଼ୋଶୀ ଭାଷା-କିନ୍ତୁ ତଥାପି ଖୁବ୍ କମ୍ ଓଡ଼ିଆଭାଷୀ ତେଲୁଗୁ ସହିତ ପରିଚିତ । କିନ୍ତୁ ତାହା ମାଟ୍ରିକ ପରେ ହେବ । ମାଟ୍ରିକ ସମୟ ଭିତରେ ଇଂରାଜୀ, ବଙ୍ଗଳା, ହିନ୍ଦୀ ଓ ଆପଣାର ମାତୃଭାଷା ଉପରେ ତୁମର ଦଖଲ ଆସିଯାଉ — ପଢ଼ିବାର ଓ ଚିନ୍ତା କରିବାର ପରିସର ବଢ଼ିଲେ ଏହା ହୋଇପାରିବ । ତୁମର ସ୍ୱାସ୍ଥ୍ୟ ପ୍ରତି ସର୍ବଦା ଦୃଷ୍ଟି ରଖିଥିବ । ମନ ଖୁସୀ ଥିଲେ ଓ ନାନା ସୁସ୍ଥ ଶାରୀରିକ ତଥା ମାନସିକ କାର୍ଯ୍ୟରେ ତତ୍ପର ଥିଲେ ଶରୀର ଅବଶ୍ୟ ସୁସ୍ଥ ରହିବ ।

୨୦ । ଶ୍ରୀମାନ୍ ନନି ଗୋପାଲ୍ ପାଲିତ୍, ଚମ୍ପତିମୁଣ୍ଡା, ଉତ୍ତର ମୌଳିକ ବିଦ୍ୟାଳୟ ।
ରୁରାଲ୍ ଇନ୍‌ଷ୍ଟିଚ୍ୟୁଟ୍, ଆଗ୍ରା, ୧୮।୧୨।୫୮
ମୋ'ଠାରୁ ଉତ୍ତର ନପାଇଲେ ମଧ୍ୟ ତୁମେ ନିୟମିତ ମୋ ପାଖକୁ ଚିଠି ଲେଖିବ, ଏହି ପ୍ରତିଶ୍ରୁତି ମୋତେ ତୁମେ ଦେଇଚ । ମୁଁ ଏ ପର୍ଯ୍ୟନ୍ତ ତାହାରି ଉପରେ ବିଶ୍ୱାସ କରି ତୁମ ଚିଠିକୁ ଅପେକ୍ଷା କରି ରହିଥାଏ । ଯେତେ ଯାହା ହେଉ ପଛକେ, ତୁମେ କୌଣସି କ୍ଷେତ୍ରରେ ଭୟ କରିବନାହିଁ ବା କାହାରିକୁ ଘୃଣା କରିବନାହିଁ । ଏହା କରୁଥିବା ପର୍ଯ୍ୟନ୍ତ ତୁମର ବିକାଶର ପଥକୁ କେହି ଅଟକାଇ ରଖିପାରିବ ନାହିଁ । ସବୁ ପ୍ରକାର ଜୋର୍ ଜବରଦସ୍ତି ଓ ବାଧାକୁ ତୁମେ ଅତିକ୍ରମ କରିଯିବ । ମୁଁ ତ ଏଠି ରହି ଭାବୁଚି, ମୁଁ ସେଠାରୁ ଆସିବା ଦ୍ୱାରା ସେଠିକା ଲୋକମାନଙ୍କ ଭିତରେ ଯେଉଁ ଗଭୀରରେ କେତେ ଭୟ ଓ ବିଷ ଲୁଚି ରହିଥିଲା, ତାହା ପ୍ରକାଶ ପାଇଲା । ଏହି ଯଥାର୍ଥ ଜ୍ଞାନ ପାଇଁ ମୁଁ ସେଠିକାର ସବୁ କର୍ତ୍ତାମାନଙ୍କ ପାଖରେ ଋଣୀ ରହିବି। ଏହି ଛୁଟୀରେ ମୁଁ ଓଡ଼ିଶା ଯାଉଚି । ... କିନ୍ତୁ ସମୟ ଅଭାବରୁ ଚମ୍ପତିମୁଣ୍ଡା ଯାଇପାରିବି ନାହିଁ । ତୁମମାନଙ୍କର ସୁବିଧା ହେଲେ ସାକ୍ଷାତ ହୋଇପାରିବ ବୋଲି ଆଶା କରୁଚି । ଶୀଘ୍ର ମୋତେ ପୁଣି ଏଠାକୁ ଫେରି ଆସିବାକୁ ହେବ । ଡ଼ିସେମ୍ବର ମାସଟା ଯାକ ଚମ୍ପତିମୁଣ୍ଡା ମୋ'ର ବିଶେଷ ଭାବରେ ମନେ ପଡୁଚି ।

Digitized by srujanika@gmail.com

୨୧ । ଶ୍ରୀମାନ୍ ସୁରେଶ ଭାଇ, ୧୦ମ ସୋପାନ, ଚମ୍ପଚିମୁଣ୍ଡା, ଅନସ୍ତୁଳ ।
ବିଚ୍‌ପୁରୀ, ଆଗ୍ରା, ୧୮।୧୨।୫୮
ତୁମର ଚିଠି ପାଇଲି । ଏହିପରି ମଝିରେ ମଝିରେ ମନେ ପକାଉଥିଲେ ହେଲା । ଜୀବନରେ ମୁଁ ତ କାହାରି କିଛି କରିପାରିଲି ନାହିଁ, ଅଥଚ ଅନ୍ୟମାନଙ୍କୁ ହିଁ ହଇରାଣ କଲି । ସେହି ଅପରାଧ ମୋତେ ଭାରି କଷ୍ଟ ଦେଉଚି ।

୨୨ । ଶ୍ରୀଯୁକ୍ତ ଶଶୀଭୂଷଣ ପାଣିଗ୍ରାହୀ, ୧୦ମ ଶ୍ରେଣୀ, ଖଣ୍ଡଇତା ହାଇସ୍କୁଲ ।
ଆଗ୍ରା, ୧୮।୧୨।୫୮
ତୋ'ର ନୂତନ ସ୍ଥାନରେ ଯୋଗଦେଇଚୁ ଶୁଣି ମୁଁ ଖୁସି ହେଲି । ମୋ'ର ଭୋଜୀ ଭବିଷ୍ୟତକୁ ବାକୀ ରହିଲା । କିନ୍ତୁ ତଥାପି ତୋତେ ମନେ ରଖିବାକୁ ପଡ଼ିବ ଯେ ଏଠିକିରେ ଯେପରି ଆପଣାର ଜ୍ଞାନାର୍ଜନ ଅଟକି ନଯାଏ । ଭଲ ଛାତ୍ର ହୋଇ ପାରିଲେ ସ୍ୱଭାବତଃ ଆମେ ଭଲ ଶିକ୍ଷକ ହୋଇପାରିବା । ସେଠିକାର ବାତାବରଣରେ ବିଚଳିତ ହୋଇପଡ଼ିବା ଉଚିତ ନୁହେଁ । ତୋ' ଜୀବନରେ ଶାନ୍ତି କେଉଁଠି ଅଛି ବୋଲି ତୁ ମୋତେ ପଚାରି ଲେଖିଚୁ । ଶାନ୍ତି କେବଳ ତୋ' ଭିତରେ ହିଁ ଅଛି । ଶାନ୍ତି ମଣିଷର ବାହାରେ, କୌଣସି ପ୍ରକାରର ବାତାବରଣରେ ନାହିଁ — ମଣିଷ ଯେଉଁଠାକୁ ଯିବ, ସେଠାରେ ଯଦି ସେ ଆପଣାର ଆଦର୍ଶ, ଆଚାର, ବିଚାର ଓ ସ୍ନେହ ସଂପର୍କ ଦେଇ ଆପଣାଲାଗି ଏକ ସୁସମ ଓ ପ୍ରେରଣାମୟ ସଂସାର ଗଢ଼ିପାରିଲା, ତେବେ ସେ ସେଠାରେ ତା'ର ଶାନ୍ତି ପାଇପାରିବ । ନହେଲେ ନାହିଁ ।

ଏଠାରେ Sociology, Psychology ଓ Anthropology ପଢ଼ାଉଚି । କଲେଜ ... ଅବଶ୍ୟ ତା'ଠାରୁ ଟିକିଏ ଉନ୍ନତର ହୋଇପାରେ — କ୍ରମେ ଏଠିକାର ମାନଚିତ୍ରରେ ମୁଁ ଆପଣାକୁ ମଣେଇ ନେଉଚି । ତଥାପି କେତେଦିନ ପର୍ଯ୍ୟନ୍ତ ମୁଁ ଯୋଗ୍ୟ ଭାବରେ ଏଠାରେ ମୋ'ର କାର୍ଯ୍ୟ କରିପାରିବି ତାହା ଭଗବାନ ଜାଣନ୍ତି । ତୁ ଜାଣୁ ଯାହାକୁ ସାପ କାମୁଡ଼େ, ତା'ରି ମାଆ ପାଳ ଦଉଡ଼ି ଦେଖିଲେ ଡ଼ରେ । ମୋ'ର ଅବସ୍ଥା ତଥାପି ଅଳ୍ପ ବହୁତେ ତାହାହିଁ ରହିଚି ।

ଏଠାରୁ ୨୧ ତାରିଖ ବାହାରି ପ୍ରଥମେ ଅମରାବତୀଠାରେ ଏକ Seminarରେ ଯୋଗଦେବି । ତା'ପରେ ସେଠାରୁ ୨୯ରେ ବାହାରି ସମ୍ବଲପୁର ଓ ଅନୁଗୁଳ ହୋଇ ଗାଆଁକୁ ଯିବି –– ଆସିଲାବେଳେ ପ୍ରମିଳାକୁ ସାଙ୍ଗରେ ଆଣିବାକୁ ହିଁ ପ୍ରଧାନତଃ ଯାଉଚି । ସବୁସାରି ୧୦ ତାରିଖ ବେଳକୁ ମୋତେ ଏଠାରେ ଯୋଗଦେବାକୁ ହେବ । ତେଣୁ ରାଉରକେଲାରେ ଅଟକିବାର ସୌଭାଗ୍ୟ ଏଥରକ ମଧ୍ୟ ମୁଁ ପାଇବିନାହିଁ ।

ଏଥର ନିଜେ କିଛି ଲେଖାଲେଖି ଆରମ୍ଭ କଲେ କିପରି ହୁଅନ୍ତା ? ତା'ଦ୍ୱାରା ଆପଣାକୁ ବ୍ୟକ୍ତିଗତ ଆନନ୍ଦ ମଧ୍ୟ ଅଜସ୍ର ମିଳେ, ସମାଜର ଉପକାର ଅବଶ୍ୟ ହୁଏ ।

Digitized by srujanika@gmail.com

୨୩ । ଶ୍ରୀମାନ୍ ନନିଗୋପାଲ ପାଲିତ୍ (ବାଦଲଭାଇ), ଚମ୍ପତିମୁଣ୍ଡା, ପୁରୁଣାଗଡ ।

ଆଗ୍ରା, ୧୦।୩।୫୯

ଅନେକ ଦିନତଳେ ଲକ୍ଷ୍ମୀଭାଇ ମୋ'ପାଖକୁ ଚିଠି ଲେଖିଥିଲେ । ସେଥିରେ ସେ ଲେଖିଥିଲେ ଯେ ଏଥର ଚମ୍ପତିମୁଣ୍ଡା ଯିବା ଦ୍ୱାରା ମୁଁ ଆଦୌ ଭଲକାମ କରିନାହିଁ । ଏପରି ଲେଖିବାର କାରଣ ସେ କିଛି ଜଣାଇ ନଥିଲେ । ମୁଁ ଏପର୍ଯ୍ୟନ୍ତ ଆଶଙ୍କା କରୁଚି, ମୁଁ ଯିବାଦ୍ୱାରା ତୁମମାନଙ୍କର କୌଣସି ପ୍ରକାରେ ଅମଙ୍ଗଳ ବା ଅନିଷ୍ଟ ହେଲାନାହିଁ ତ ? କାରଣ ଜ୍ଞାତସାରରେ ବା ଅଜ୍ଞାତସାରରେ ମୁଁ କଦାପି କାହାର ଅନିଷ୍ଟ କରିବାକୁ ଚାହେନାହିଁ ।

ଏହାଭିତରେ ତୁମମାନଙ୍କର ଶେଷ ପରୀକ୍ଷା ବିଷୟରେ କିଛି ନିଷ୍ପତ୍ତି ହୋଇ ସାରିଥିବ ଏବଂ ତୁମେମାନେ ବର୍ତ୍ତମାନ ସେଥିପାଇଁ ପ୍ରସ୍ତୁତ ହେଉଥିବ । ତୁମକୁ ଯେଉଁମାନେ ଭରସା ଦେଇ ଆଜି ପର୍ଯ୍ୟନ୍ତ ରଖିଚନ୍ତି, ସେମାନେ କଦାପି ତୁମକୁ ହତାଶ କରିବେ ନାହିଁ । ତେଣୁ ତୁମେମାନେ ଧୈର୍ଯ୍ୟ ଓ ବିଶ୍ୱାସର ସହିତ ଆପଣାର କର୍ତ୍ତବ୍ୟ କରିବ ବୋଲି ମୁଁ ସବୁବେଳେ ଆଶା କରୁଚି । କୌଣସି ପ୍ରକାର ଭୟ ବା ହୀନଭାବ ଯେପରି ତୁମମାନଙ୍କର ବିଶ୍ୱାସକୁ ମାରି ନଦିଏ । ଏହି ବିଶ୍ୱାସ ହେଉଚି ସବୁ ବିକାଶର ଅସଲ ମାପକାଠି । ଯେତେବେଳେ ମଣିଷର ଏହି ବିଶ୍ୱାସ ଟିକକ ଚାଲିଯାଏ, ସେତେବେଳେ ସେ ନାନା ପ୍ରକାର କୃତ୍ରିମ ଦମ୍ଭ, କର୍ତ୍ତୃତ୍ୱ ଓ କ୍ଷମତାର ନିଶାରେ ପଡ଼ିଯାଏ, ଆପଣାକୁ ସଂସାରରେ ସେ ଅତି ହାସ୍ୟାସ୍ପଦ ଓ ଦୟନୀୟ କରିପକାଏ, କ୍ଷେତ୍ରରେ ଓ ଅକ୍ଷେତ୍ରରେ ଆପଣାକୁ ପ୍ରତିଷ୍ଠିତ କରି ରଖିବାର ଲାଳସା ଓ ଉତ୍ତେଜନାରେ ପଡ଼ି ସେ ସବୁଠାରୁ ସବୁପ୍ରକାରେ ଅପ୍ରସ୍ତୁତ ଓ ଅସମ୍ମାନିତ ହୋଇ ବାହୁଡ଼ି ଆସେ । କାହାରି ପ୍ରତି କୌଣସି ଘୃଣା ରଖି ସେଇଥିରେ ତୃପ୍ତ ହୋଇ ରହିବା ଓ ତଜ୍ଜନିତ ଆନନ୍ଦ ଅନୁଭବ କରିବା ଜୀବନ ନୁହେଁ, ଏଥିରୁ କୌଣସି ସାର୍ଥକତା ମିଳେନାହିଁ । କିନ୍ତୁ ଯେତେ ଅଜ୍ଞାତ ଭାବରେ ମଧ ଆପଣାକୁ ସଂସାରରେ ଅଧିକ ନିର୍ଭୟତା, ଶ୍ରଦ୍ଧା ଓ ବିଶ୍ୱାସ ବଢାଇବା ପାଇଁ ତିଆରି କରିପାରିଲେ ମଣିଷ ଜୀବନରେ ସୁଆଦ ପାଏ, ଭଗବାନଙ୍କ ଚରଣତଳେ ସ୍ଥାନ ପାଏ । ତେଣୁ କ୍ଷଣ କ୍ଷଣର ଛୋଟ ଘଟଣା ଭିତରେ ଛୋଟ ମଣିଷର ବିକୃତି ଗୁଡ଼ାକୁ ତୁମେ ଉଖାରି କାଳ କ୍ଷେପଣ ନ କରି ଆପଣା ଭିତରେ ଓ ସବୁରି ଭିତରେ ରହିଥିବା ବଡ଼ ଦେବତାର ଅନ୍ୱେଷଣ କର, ନିଜକୁ ଏକ ବୃହତ୍ତର ବିଚାର ଭୂମିରେ ପ୍ରେରିତ କର, ଆପଣାର ହୃଦୟକୁ ସବୁଠାରୁ ବଳବାନ ସହାୟକ ବୋଲି ଚିହ୍ନିବାକୁ ଚେଷ୍ଟାକର ।

ଏଠାରେ ଶୀତ ଛାଡ଼ି ଆସିଲାଣି । ନିମ୍ବଗଛ ସବୁ ପତର ଝଡ଼ା ଦେଲେଣି । ଆଉ କେତେଦିନ ଗଲେ ନିମଫୁଲର ବାସରେ ଚତୁର୍ଦ୍ଦିଗ ମହକି ଉଠିବ । ଚମ୍ପତିମୁଣ୍ଡାର ଛୋଟ ବଡ଼ ପ୍ରତ୍ୟେକଟି ନିମ୍ବଗଛ ଅତୀତ ଜୀବନର ଗୋଟିଏ ଗୋଟିଏ ଶ୍ରଦ୍ଧାସ୍ଥଳ ହିସାବରେ ସେତେବେଳେ ଭାରି ମନେପଡ଼ିବେ ।

Digitized by srujanika@gmail.com

ମୁଁ ଏଥର ସର୍ବୋଦୟକୁ ଯାଇନାହିଁ । ଚାକିରିଆକୁ ଛୁଟୀ କୁଆଡ଼େ ମିଳିବ ?

୨୪ । ଶ୍ରୀମାନ୍ ଧ୍ରୁବଭାଇ, ୧୧ଶ ସୋପାନ, ଚମ୍ପତିମୁଣ୍ଡା ଉତ୍ତର ମୌଳିକ ବିଦ୍ୟାଳୟ ।
ଆଗ୍ରା, ୧୦।୩।୫୯
ଭୀଷ୍ମଭାଇ ଯିବାକଥା ମୁଁ ଆଗରୁ ଜାଣିନଥିଲି । ସବୁପ୍ରକାର ଅସୁବିଧା ସତ୍ତ୍ୱେ ତଥାପି ତୁମେ ମାଟ୍ରିକ୍ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିବ, ଏହାହିଁ ବିଶ୍ୱାସ କରୁଚି । ମଣିଷ କୌଣସି ଫଳ ହାସଲ କରିବାକୁ ଯେତେ ପ୍ରତିକୂଳତାର ସମ୍ମୁଖୀନ ହୁଏ, ତାହାର ଫଳ ତା'କୁ ସେତେ ସୁସ୍ୱାଦୁ ଲାଗେ । ଆଉ ମୋଟେ କେତେ ମାସ ସମୟ ରହିଲା, ତେଣୁ ତୁମେ ଅନ୍ୟପ୍ରକାର କୌଣସି ଚିନ୍ତା ମୁଣ୍ଡରେ ନ ପୂରାଇ ଆପଣା କାମରେ ଲାଗିପଡ଼ିବ ବୋଲି ମୁଁ ଆଶା କରୁଚି । ଦେବାର୍ଚ୍ଚନ ଭାଇ ତ ଅନୁଗୁଳରେ ରହୁଥିବେ, ତେଣୁ ଆବଶ୍ୟକ ହେଲେ ମଝିରେ ମଝିରେ ସେଠାକୁ ଯାଇ ସବୁପାଠ ତୁମେ ନିଶ୍ଚୟ ବୁଝିଆସିବ । ଯେତେବେଳେ ଯାହା ଦରକାର ହେବ, ଗୁରୁଜୀ ମାନଙ୍କଠାରୁ ସାହାଯ୍ୟ ନେବାକୁ କଦାପି ପଶ୍ଚାତ୍‌ପଦ ହେବନାହିଁ ।

୨୫ । ଶ୍ରୀମାନ୍ ସୁରେଶ ଭାଇ, ୧୦ମ ସୋପାନ, ଚମ୍ପତିମୁଣ୍ଡା ।
ଆଗ୍ରା, ୧୦।୩।୫୯
ତୁମମାନଙ୍କୁ ନାନାପ୍ରକାର ଚଗଲା ଓ ବିଶୃଙ୍ଖଳ କରିପକାଉଥିବା ଜଣେ ସର୍ବଜନ ନିନ୍ଦିତ ଦୁଷ୍ଟଲୋକକୁ ଯେ ତୁମେ ଏ ପର୍ଯ୍ୟନ୍ତ ମନେରଖିଚ ଏବଂ ଏତେ ଶ୍ରଦ୍ଧାର ସହିତ ଯେ ତା'ବିଷୟରେ ଭାବୁଚ, ଏହାହିଁ ସବୁଠାରୁ ବଡ଼କଥା । ଚମ୍ପତିମୁଣ୍ଡାର ନୂତନ ଜୀବନରେ ତୁମ୍ଭମାନଙ୍କର ଏହି ପୁରୁଣା ଆରବର୍ଷର ମନ ଅନେକ ବିରୋଧ ଓ ଅନେକ ସମସ୍ୟା ନିଶ୍ଚୟ ସୃଷ୍ଟି କରୁଥିବ ଓ ସେଥିପାଇଁ ତୁମ୍ଭମାନଙ୍କୁ ମଧ୍ୟ ଅନେକ ନିନ୍ଦାପବାଦ ଶୁଣିବାକୁ ପଡୁଥିବ । ମୋ'ର ଅନୁରୋଧ ତୁମେ ସେଗୁଡ଼ିକ ମୋ'ର ନାମରେ ଗଅଁଠାଇ ଦେବ ଓ ବିଚଳିତ ନହୋଇ ଆପଣାର କର୍ତ୍ତବ୍ୟ କରିଯିବ । ମୁଁ ଏଥର ଚମ୍ପତିମୁଣ୍ଡା ଯାଇଥିବା ସମୟରେ ପ୍ରଧାନମନ୍ତ୍ରୀ ମୋତେ ପିଲାମାନଙ୍କୁ କିଛି କହିବାକୁ କହିଥିଲେ । ସୌଭାଗ୍ୟବଶତଃ କିଛି ନକହି ମୁଁ ଭାରି ଭଲ କରିଚି । ମୁଁ କେବଳ ଯିବାଦ୍ୱାରା ହିତୈଷୀ ଗୁରୁଜନମାନଙ୍କ ମନରେ ଏକ ଆନ୍ଦୋଳନ ସୃଷ୍ଟି ହୋଇଚି, ମୁଁ ଯଦି ସେଠାରେ ଭାଷଣ ଦେଇଥାନ୍ତି, ତେବେ ତୁମମାନଙ୍କର ସେଠାକାର ଶାନ୍ତିମୟ ଶୃଙ୍ଖଳ ଜୀବନରେ ଅନେକ ଆଘାତ ଯେ ସୃଷ୍ଟି ହୋଇଥାନ୍ତା, ଏହା ତ ନିଶ୍ଚିତ କଥା । ଏ ସଂସାରରେ ଯେଉଁମାନେ କେବଳ ଶାନ୍ତି ଭଙ୍ଗ କରିବାକୁ ଏଣେତେଣେ ଦଉଡ଼ନ୍ତି, ସେମାନେ ବିନଷ୍ଟ ହୋଇଗଲେ ହିଁ ସଂସାର ଶାନ୍ତିପାଏ । ତୁମଠାରୁ ତୁମର ସମସ୍ତ ମନୋଭାବ ସମ୍ବଳିତ ବିସ୍ତୃତ ଚିଠି ପାଇବାର ବାସନା ରହିଲା । ତୁମେ ଚିତ୍ତଭାଇ ପାଖରେ ନିର୍ଭୟ ହୋଇ ସବୁ catharsis କରି ଦେଇପାର, ତଦ୍ଦ୍ୱାରା କାହାରି କୌଣସି ଅନିଷ୍ଟ ହେବନାହିଁ ।

Digitized by srujanika@gmail.com

୨୬ । ଶ୍ରୀମାନ୍ କେଶବ ଭାଇ, ୯ମ ସୋପାନ, ଚମ୍ପତିମୁଣ୍ଡା ।
ଆଗ୍ରା, ୧୦।୩।୫୯
ତୁମ ବିଷୟରେ ଶେଷ ନିଷ୍ପତ୍ତି କ'ଣ ହେଲା ତାହା ଜାଣିନପାରି ମୁଁ ବଡ଼ ଚିନ୍ତିତ । ତୁମକୁ କୌଣସି ପ୍ରକାରେ ସାହାଯ୍ୟ କରିବାରେ ଯେ ମୁଁ କେତେ ଦୂର ଅସମର୍ଥ, ତାହା ମୁଁ ନିଜେ ବେଶ୍ ଅନୁଭବ କରିପାରୁଚି । ମୁଁ ଏପରି ଏକ ଦୁଷ୍ଟଲୋକ ଯେ ସଂସାରର ଚିରାଚରିତ ପଥରୁ ବାହାର କରିଦେଇପାର, କିନ୍ତୁ ଦରକାର ବେଳେ କୌଣସି ଆଶ୍ରୟ ଦେଇପାରେନାହିଁ, ମଝି ନଇରେ ତୁମକୁ ଭସାଇଦେଇ କୂଳରେ ଠିଆହୋଇ ଅନାଇବାକୁ ଯାହାକୁ ଭାରି ଭଲ ଲାଗେ । ପାରିବାରିକ ଆବଶ୍ୟକତା ଅନୁସାରେ ତୁମା ଓ ବାପିଙ୍କୁ କହି କୌଣସି ଏକ ସ୍ଥିର ନିଷ୍ପତ୍ତିରେ ପହଞ୍ଚିବ ବୋଲି ଆଶା କରୁଚି । କିନ୍ତୁ କଦାପି ହତାଶ ହେବନାହିଁ ବା ଆପଣାର ଭାଗ୍ୟକୁ ହୀନ ମନେ କରିବ ନାହିଁ । ବିଶ୍ୱାସ ଥିଲେ ଭଗବାନ ବାଟ ଦେଖାଇଦେବେ ଓ ଅନ୍ତରର ସମସ୍ତ ସଂଶୟକୁ ସମାଧାନ କରିଦେବେ ।

୨୭ । ଶ୍ରୀମାନ୍ ଶ୍ୟାମ ଭାଇ, ୧୧ଶ ସୋପାନ, ଚମ୍ପତିମୁଣ୍ଡା ।
ଆଗ୍ରା, ୧୦।୩।୫୯
ମୋ'ର ଏତେଗୁଡ଼ିଏ ପ୍ରଶଂସା କରି ମୋତେ ଲଜ୍ଜା ଦେବନାହିଁ । ମୋ'ର ଦୁର୍ବଳ ମନକୁ ମୁଁ ଭଲ କରିଜାଣେ । କାହାର କୌଣସି ପ୍ରକାର ଉପକାର କରିବାକୁ ଯେ ମୋ'ର କୌଣସି ସାମର୍ଥ୍ୟ ନାହିଁ, ତାହା ମଧ ମୁଁ ସଂପୂର୍ଣ୍ଣଭାବେ ଉପଲବ୍ଧି କରିପାରୁଚି । ବର୍ତ୍ତମାନ ପରିପୂର୍ଣ୍ଣ ଶକ୍ତି ଓ ଆଗ୍ରହରେ ଚମ୍ପତିମୁଣ୍ଡାକୁ ନୂତନ ରୂପେ ଗଢ଼ାଯାଇଚି । ଏତେବେଳେ ତୁମେ ପଛକୁ ଅନାଇବା ଉଚିତ ନୁହେଁ, ପଛର ପାପୀକୁ ଝୁରିବା ଉଚିତ ନୁହେଁ । ତଦ୍ଦ୍ୱାରା ସେଠାରେ ତୁମଲାଗି ଅହର୍ନିଶ ଚିନ୍ତା କରୁଥିବା ଓ ନାନାପ୍ରକାର କୌଶଳ ଓ ମନ୍ତ୍ରରେ ପୁରୁଣା ଭୂତକୁ ବାହାରେ କିଳି ରଖିଥିବା ତୁମ ଗୁରୁଜନମାନଙ୍କ ମନରେ ତୁମେ ଅନେକ ସଂଶୟ ଓ ଅନ୍ତର୍ଦ୍ୱନ୍ଦ୍ୱ ଜାତ କରାଇବ । ପଛକୁ ଅନାଅ ନାହିଁ, — ଦେଖିବ କାଳକ୍ରମେ ସେଠାରୁ ସମସ୍ତ ଅମଙ୍ଗଳର ସ୍ମୃତି କୁଆଡ଼େ ବିଲୁପ୍ତ ହୋଇଯିବ—ଉତ୍ସାହୀ ଆଦର୍ଶବାଦର ପରାକ୍ରମରେ ଅତୀତର ମଣିଷ ସୁଲଭ ଦୁର୍ବଳତା ଗୁଡ଼ିକ ଅପସରିଯିବ — ଯେତେ ଦୂରରେ ଥିଲେ ମଧ ମୁଁ ତୁମମାନଙ୍କର ସେହି ବିଜୟ କାମନା କରୁଚି । ପଢ଼ାପଢ଼ି ରୀତିମତ ଚାଲିଥିବ ବୋଲି ଆଶା କରୁଚି ।

୨୮ । ଶ୍ରୀମାନ୍ ନନିଗୋପାଲ ପାଲିତ୍ (ବାଦଲଭାଇ), ୧୧ଶ ସୋପାନ, ଚମ୍ପତିମୁଣ୍ଡା ।
ଆଗ୍ରା, ୧୪।୪।୫୯
'ବିକାଶ' ପତ୍ରିକାରେ ଲେଖାଲେଖି କରିବାକୁ ମୋତେ କାହିଁକି ଟାଣୁଚ ? ଡେନ୍‌ମାର୍କରେ ସମାବର୍ତ୍ତନ ହୁଏନାହିଁ, ତେଣୁ ସେ ବିଷୟରେ ମୁଁ କ'ଣ ଲେଖିପାରିବି ? ତୁମେମାନେ ଏଥର ସମାବର୍ତ୍ତନର ଅନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଚ ବୋଲି ଜାଣି ଭାରୀ ଖୁସି ହେଲି । ତୁମମାନଙ୍କ ଖୁସିରେ ଭାଗ ନେବାର ସୌଭାଗ୍ୟ ଲାଭ କରିଥିଲେ ଆହୁରି ଖୁସୀ ହୋଇଥାନ୍ତି । ତୈତ୍ତିରୀୟ ଉପନିଷଦଟି ଯାକ ଏହି ସମାବର୍ତ୍ତନର ମହାନ୍ ଅନୁଷ୍ଠାନର

Digitized by srujanika@gmail.com

ମହତ୍ତ୍ୱ ଉପରେ ବିଚାର କରି ରଚିତ ହୋଇଛି । ପଢ଼ି ଦେଖିବ । ମୁଁ କେବଳ ଏତିକି କହିବି, ତୁମେମାନେ ସମସ୍ତେ ଭୟରହିତ ଓ ଘୃଣାଶୂନ୍ୟ ହୋଇ ସଂସାରରେ ପ୍ରବେଶ କର । ସେଥିପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛି । ଭୟ ଓ ଘୃଣାର ଲେଶ ମାତ୍ରକୁ ପ୍ରଶ୍ରୟ ଦିଆଯାଉଥିବା ପର୍ଯ୍ୟନ୍ତ କୌଣସିଠାରେ ଜୀବନ ବା ବିଦ୍ୟା ସମ୍ଭବ ହୋଇନପାରେ । ଭଗବାନ ତୁମ୍ଭମାନଙ୍କୁ ଆପଣାର ପଥ ଆବିଷ୍କାର କରିବାପାଇଁ ବଳ ଦିଅନ୍ତୁ ।

ମୋ'ର କେତୋଟି ଭଜନ ଅତିଶୀଘ୍ର ଦରକାର—ଓଡ଼ିଆରେ ଭଲ ଭଲ କେତୋଟି ତୁମେ ନିଜେ ଲେଖି ପଠାଇବ—ଆମର ସେଠାରେ ଯେତେ ହିନ୍ଦୀ ଭଜନ ବୋଲାହୁଏ—ରାମ କହୋ ରହମନ୍ କହୋ, ସବ୍‌ସେ ଉଁଚା ପ୍ରେମ ସଗାଇ ଇତ୍ୟାଦି ଇତ୍ୟାଦି । ତା' ସହିତ 'କାନନର ବିତାନ' ମଧ । ପହିଲା ବେଳକୁ ମୁଁ ଏଠୁ ହିମାଳୟ ଉଦ୍ଦେଶ୍ୟରେ ବାହାରିଯିବି ।

୨୯ । ଶ୍ରୀମାନ୍ ନନିଗୋପାଲ ପାଲିତ୍ (ବାଦଲଭାଇ), ଅନ୍ୟାସୀପୁର, କଟକ ।
ହାଟ କଲ୍ୟାଣୀ, ୧୪।୬।୫୯

ପ୍ରାୟ ଦେଢ଼ମାସ ହେଲା ମୁଁ ହିମାଳୟ ଅଞ୍ଚଳରେ ବୁଲୁଛି । ଏବେ କେଦାରନାଥ ଓ ବଦ୍ରୀନାଥ ଭ୍ରମଣରୁ ଫେରିଲି । ଏଥିରେ ପ୍ରାୟ ୨୪୦ ମାଇଲ ବାଟ ଚାଲି କରି ଯିବାକୁ ପଡ଼ିଲା । ହିମାଳୟର ପାଦଦେଶରେ ଅବସ୍ଥିତ ଏକ ଛୋଟ ଗାଁରୁ ଏ ଚିଠି ଲେଖୁଛି । ଏହାପରେ ତୁମର ବିଚାର ଓ ଯୋଜନା କ'ଣ ଜାଣିଲେ ଖୁସି ହେବି । ଯୁଆଡ଼େ ଯାଅ, ଯେତେ ବଡ଼ ସମାବର୍ତ୍ତନରେ ଯେତେ ବଡ଼ ସମ୍ମାନ ବା ପଦବୀ ପାଅ ପଛକେ, ନିୟମିତ ଭାବରେ ଚିଠି ଦେବାକୁ କଦାପି ଭୁଲିଯିବ ନାହିଁ । ଆଉ ଗୋଟିଏ ଅନୁରୋଧ ମଧ ତୁମ ପାଖରେ ମୋ'ର ରହିଚି । ତୁମର ୧୧ଶ ଓ ୧୦ମ ସୋପାନରେ ମୁଁ ଶିକ୍ଷା ଓ ସାହିତ୍ୟର ଇତିହାସ ବିଷୟରେ ଯେତେ ସୋପାନ ନେଇଥିଲି ସବୁଗୁଡ଼ିକର ନୋଟ୍ ତୁମେ ନିଶ୍ଚୟ ରଖିଚ । ସେଗୁଡ଼ିକ ମୋ'ର ଦରକାର । ମନରୁ ସେତେବେଳେ ଯାହା ଆସିଲା ତୁମରିମାନଙ୍କ ପ୍ରେରଣାରେ କହି ଚାଲିଯାଉଥିଲି । ବର୍ତ୍ତମାନ ସେଗୁଡ଼ିକୁ ସଂବଦ୍ଧ ଭାବରେ ଲେଖିବାକୁ ଭାରି ଇଚ୍ଛା ହେଉଚି । ତୁମେ ମୋତେ ଏଥିରେ ସହଯୋଗ କରିବ ବୋଲି ମୋ'ର ପୂର୍ଣ୍ଣ ବିଶ୍ୱାସ ରହିଚି । ଏହି ଖାତାଗୁଡ଼ିକ ମୋ'ପାଖକୁ ପାର୍ସଲ୍ କରି ପଠାଇଲେ ତୁମର ଯେତେ ଖରଚ ହେବ ମୁଁ ତାହା ଅବଶ୍ୟ ବହନ କରିବି । ମୋ'ର କାମ ସରିଗଲେ ତୁମେ ସେଗୁଡ଼ିକ ଅବଶ୍ୟ ଫେରିପାଇବ, ଏହି ଜବାବ୍ ମୁଁ ଦେଇ ରଖୁଚି ।

୩୦ । ଶ୍ରୀମାନ୍ ନନିଗୋପାଲ ପାଲିତ୍ (ବାଦଲଭାଇ), ଅନ୍ୟାସୀପୁର, କଟକ ।
ହାଇଦରାବାଦ, ୨୬।୮।୫୯

ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏକ campରେ ଯୋଗଦେବାକୁ ମୁଁ ଗତ ୨୩ ତାରିଖରୁ ଏଠାକୁ ଆସିଚି । ୧୦/୯ରେ ଏଠାରୁ ଆଗ୍ରା ଫେରିଯିବି ।

ତୁମେ ଛାତ୍ରାବାସରେ ଥିବା ପର୍ଯ୍ୟନ୍ତ ତୁମ ପାଖକୁ ଚିଠିଦେବାକୁ ମୁଁ କୁଣ୍ଠିତ ହେଉଥିଲି । ମୋ'ର ଯେକୌଣସି ପ୍ରକାର ଉଲ୍ଲେଖ ଓ ସ୍ମରଣ ସେଠି ହୁଏତ ସମସ୍ତଙ୍କର

Digitized by srujanika@gmail.com

ମନରେ ଏପର୍ଯ୍ୟନ୍ତ ଦହନ ଜାତ କରାଉଚି । ଭଲପାଇବା ଦୁଟିଗଲେ ଅପରିପକ୍ୱ ମନରେ ତାହାର ପ୍ରତିକ୍ରିୟା ସ୍ୱରୂପ ଘୃଣା ଜାତ ହୁଏ । ତେଣୁ ମୋ' ସହିତ ତୁମର ଏପର୍ଯ୍ୟନ୍ତ ଚିଠି ଦିଆନିଆ ଚାଲିଚି, ଏପରି ସମ୍ବାଦ ପାଇଲେ ସେମାନେ ଅପ୍ରସନ୍ନ ଓ ଅସ୍ଥିର ହୋଇ ଉଠିବେ ଓ ତଦ୍ୱାରା ହୁଏତ ତୁମର ଭବିଷ୍ୟତ ବିଷୟରେ କାଳେ କୌଣସି ବାଧା ପହଞ୍ଚିବ, ସେଥିପାଇଁ ମୁଁ ଚିଠି ଦେଉନଥିଲି । ମୋତେ ଭୁଲ ବୁଝିବ ନାହିଁ । ଚିତ୍ତଭାଇ ଦୁନିଆଠାରୁ ଧକ୍କା ଖାଇଲା ବୋଲି ଦୁନିଆ ପ୍ରତି ପାଷାଣ୍ଡ ହେବନାହିଁ ।

ଆଜି ଏହି ଦିନରେ ତୁମ ପାଖକୁ କ'ଣ ଲେଖିବି ଜାଣି ପାରୁନାହିଁ । ଦୁନିଆରେ ସବୁ ଆଦର୍ଶବାଦ ଠାରୁ ମଣିଷ ବଡ଼, ବିଦ୍ୟାଳୟରେ ସବୁ ପ୍ରକାର ଶାସନ ଓ ସର୍ଦ୍ଦାରିଠାରୁ ପିଲା ବଡ଼, ଜୀବନରେ ସବୁପ୍ରକାର ଡୋରିଠାରୁ ସ୍ନେହର ଡୋରି ସବୁଠାରୁ ଶକ୍ତିଶାଳୀ, ଆଜି ଆଖିର ଲୁହ ଓ ମୁଖର ନୀରବତା ଦ୍ୱାରା ମୋ'ର ହୃଦୟ ଭିତରୁ ଯେପରି କିଏ ଏତିକି କହିବାକୁ ଚାହୁଁଚି । ଆଜି ଦିନକୁ ମୁଁ ଏଇଥିପାଇଁ ମନେ ରଖିବି, ଏହି ବିଶ୍ୱାସ ମୋ' ଭିତରେ ରହି ମୋତେ ଚଳାଉଥିବା ପର୍ଯ୍ୟନ୍ତ ଚମ୍ପତିମୁଣ୍ଡା ଓ ତା'ସହିତ ତୁମେମାନେ ଏକ ସମଗ୍ର ଜୀବନ–ପ୍ରେରଣା ହୋଇ ମୋ' ଭିତରେ ବଞ୍ଚି ରହିଥିବ, ମୋତେ ବାଟ ଦେଖାଉଥିବ । ମୁଁ ଭାବପ୍ରବଣ ହୋଇ ଏକଥା କହୁନାହିଁ, ମୋ' ପ୍ରାଣର ସବୁଠାରୁ ସତକଥା ମୁଁ ଫିଟାଇ କହୁଚି । ଆଜି ଦିନର ପୁଣ୍ୟ ପ୍ରଣାମ ଜଣାଇ ପଠାଉଚି । ସଂସାରରେ ଏହି ଅଭାଗା ଏକଛିଦିଆ ବଡ଼ଭାଇକୁ କେବେ ଅବିଶ୍ୱାସ କରିବ ନାହିଁ । ତୁମେ ଖାତା ପଠାଇବାର ବ୍ୟବସ୍ଥା କରିବ ବୋଲି ଜାଣି ଖୁସୀ ହେଲି ।

ଆମକୁ କେହି ସ୍ୱୀକାର ନ କରନ୍ତୁ ପଛକେ, ତଥାପି ଆମେ ମଣିଷ ହେବା, ଆମ ଭିତରେ ଥିବା ବିଳକ୍ଷଣମାନ ମଣିଷକୁ ଆମେ ହୃଦୟର ସ୍ୱୀକାର ଦେଇ । ତେବେ ଗରିବ ହୋଇ ରହିଲେ ମଧ ତଥାପି ଆମେ ଜୀବନରେ ଆନନ୍ଦ ଆସ୍ୱାଦନ କରିବା ।

୩୧ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୧୦ମ ଶ୍ରେଣୀ, ଖଣ୍ଡଲତା, ସମ୍ବଲପୁର ।
ହାଇଦରାବାଦ, ୨୬।୮।୫୯

ଭାରତ ସରକାରଙ୍କ ଏକ campରେ ଯୋଗଦେବାକୁ ମୁଁ ଗତ ୨୩ ତାରିଖରୁ ଏଠାକୁ ଆସିଚି । ଏଠାରୁ ୧୦।୯ ରେ ଆଗ୍ରା ଫେରିଯିବି । ... ଏହା ଭିତରେ ତୁମେ ଯେତେ ସମ୍ବଲପୁରୀ ଶବ୍ଦ ସଂଗ୍ରହ କରିଚ, ସେତକ ମୋ' ପାଖକୁ ପଠାଇଦେଲେ ମୁଁ ବର୍ତ୍ତମାନ ଯାହା ଓଡ଼ିଆରେ ଲେଖାଲେଖି କରୁଚି, ସେଥିରେ ସେଗୁଡ଼ିକୁ ବ୍ୟବହାର କରିପାରନ୍ତି । ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଭାଷାରୁ ଶବ୍ଦ ଆଣି ଲିଖିତ ଓଡ଼ିଆ ଭାଷାକୁ ବେଶ୍ ସମୃଦ୍ଧ କରାଯାଇପାରିବ ଓ ଭାଷା ଜରିଆରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏକ ଭାବଗତ ଏକତା ପ୍ରତିଷ୍ଠା କରିବାରେ ସାହାଯ୍ୟ କରାଯାଇପାରିବ । ମୋ'ର ଏହି ଉଚ୍ଚାଭିଳାଷରେ ତୁମର ସହଯୋଗ ସବୁବେଳେ ଲୋଡ଼ା ।

ଚମ୍ପତିମୁଣ୍ଡାରେ ମୋ'ଠାରୁ ଯେଉଁ ଅବ୍ୟବହାର ପାଇଚ ତାହାକୁ ଭୁଲିଯାଅ, ତାହାକୁ କ୍ଷମାକର । ମୋ'ର ରାଗ, ମୋ'ର ହାକିମୀ ଓ ମୋ'ର ଅଯୋଗ୍ୟତାକୁ

Digitized by srujanika@gmail.com

ଭୁଲିଯାଅ । ଚମ୍ପତିମୁଣ୍ଡାର ସ୍ୱାଭାବିକ ନିର୍ଭୟ ଜୀବନ ଓ ତଜ୍ଜନିତ ଆନନ୍ଦକୁ ମନେ ରଖିଥାଅ । ନିଜେ ମଣିଷ ହୁଅ, ଜଗତରେ କାହାରି ଆଶ୍ରୟକୁ ଆଉଜିପଡ଼ି ଆପଣାମାର୍ଗକୁ ଭୁଲିଯାଅ ନାହିଁ । ଧନରେ ଗରିବ ହୋଇ ଜନ୍ମ ହୋଇଚ ବୋଲି ଏକ ମୁହୂର୍ତ୍ତ ସମୟ ମଧ୍ୟ ଆପଣାକୁ ହେୟଜ୍ଞାନ କରନାହିଁ । ତା'ହେଲେ ଭିତରେ ବୀଜ ହୋଇ ଲୁକ୍କାୟିତ ରହିଥିବା ଭଗବାନଙ୍କୁ ତୁମେ ଅଙ୍କୁରରୁ ବିନଷ୍ଟ କରିଦେବ । ତୁମଠାରୁ ସମସ୍ତେ ଅନେକ ଆଶା କରୁଚନ୍ତି ।

ତୁମେ ଚମ୍ପତିମୁଣ୍ଡାରେ ଥିଲାବେଳେ ଲେଖିକରି ମୋତେ ଅନେକ ପ୍ରଶ୍ନ ପଚାରୁଥିଲ, ମୁଁ ସାଧମତେ ତାହାର ଉତ୍ତର ଦେଉଥିଲି । ତୁମ ପାଖକୁ ଚିଠି ଲେଖିଲା ବେଳେ ପ୍ରତ୍ୟେକଥର ତାହାହିଁ ମନେ ପଡ଼ିଯାଏ ।

୩୨ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ମେରିଆବଜାର, କଟକ ।

ଆଗ୍ରା, ୧୮।୯।୫୯

ଭଗବାନ ଦୁଃଖ ଦେଇ ଆମର ପରୀକ୍ଷା ନିଅନ୍ତି । ମଣିଷ ଜେତେଦୂର ନିଜ ପାଇଁ ଓ ଅନ୍ୟ ପାଇଁ ଜୀବନ ବଞ୍ଚେ, ଏତିକିବେଳେ ତାହାର ପରୀକ୍ଷା ହୁଏ । ତେଣୁ ବର୍ତ୍ତମାନ ଅନ୍ୟ କିଛି ମନରେ ନରଖି ଆପଣାର ଉପସ୍ଥିତ କର୍ତ୍ତବ୍ୟ କରିଯାଅ ।

ଚମ୍ପତିମୁଣ୍ଡା ପାଠାଗାରର ବହି ମୋ' ଲାଗି ମନାହେଲା ବୋଲି ମୋ'ମନରେ ଯେତେ କଷ୍ଟ ହେଲାନାହିଁ, ମୋ'ଲାଗି ଜୟୀଭାଇ ଏତେ ଗାଳି ଶୁଣିଲେ ଜାଣି ତା'ଠାରୁ ଅଧିକ କଷ୍ଟ ଲାଗିଲା । ତଥାପି ସଂସାରକୁ ସଂସାର ବୋଲି ଗ୍ରହଣ କରିବାକୁ ହେବ । ସଂସାରରେ ଖାଲି ଆପଣାର କର୍ତ୍ତବ୍ୟ କରିଯିବାର ଅଧିକାର ମଣିଷର ଅଛି । ଈର୍ଷା ବା ବାଦ କରିବାର ଅଧିକାର ନାହିଁ । ଯିଏ ଈର୍ଷାକରେ, ସେଇ ସବୁଠାରୁ ଅଧିକ ଦୁଃଖପାଏ ।

ମୁଁ ଦଶହରା ଛୁଟୀରେ ଓଡ଼ିଶା ଯିବିନାହିଁ, କାରଣ ଏଠାରେ ମୋଟେ ୧୦ଦିନ ଛୁଟୀ ହେଉଚି । ଛୁଟୀ ଭିତରେ ଏଠାରେ ରହି କିଛି ଲେଖାପଢ଼ା କରିବାର କଳ୍ପନା ଅଛି । ତୁମେ କଟକ ଆସିଲେ ତୁମର ଖାତାଗୁଡ଼ିକ ଏଠାକୁ ଡ଼ାକରେ ପଠାଇଦେବ ।

ସୁରେଶର ଖବର ମୁଁ ଅନେକ ଦିନରୁ ପାଉନାହିଁ କାହିଁକି ? ବୋଧହୁଏ ଦୁଃଖରେ ପଡ଼ି ସେ ସବୁ ଭୁଲିଗଲାଣି । ଖବର ପାଇଲେ ମୋତେ ଜଣାଇବ । ତଥାପି ଆପଣାକୁ ହୀନ ଓ ବଞ୍ଚିତ ବୋଲି ଭାବିବନାହିଁ । ଯୋଉ ମଣିଷ ଅଟକି ନଯାଏ, ସେହି କେବଳ ଜୀବନର ସ୍ୱାଦ ପାଏ ।

୩୩ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ୧୦ମ ଶ୍ରେଣୀ ।

ଆଗ୍ରା, ୨।୧।୬୦

ଏହି ଗତ ମାସକ ଭିତରେ ଏଠାକୁ ପଣ୍ଡିତ ନେହେରୁ ଓ ଆମେରିକାର ସଭାପତି ଆଇସେନ ହାଉଅର୍ ମଧ୍ୟ ଆସିଥିଲେ । ସେଥିପାଇଁ ବେଶ୍ କାର୍ଯ୍ୟବ୍ୟସ୍ତ ରହିବାକୁ ପଡ଼ିଲା । ... ମଣିଷ ଚେଷ୍ଟା କଲେ ଇଂରାଜୀ ଭାଷା ମଧ୍ୟ ଶେଷରେ ହାର ମାନିବ ।

Digitized by srujanika@gmail.com

ଅନେକ ସମୟରେ ଭଲ ମଣିଷ ମଧ୍ୟ ଆପଣାର ଇଚ୍ଛା ବିରୁଦ୍ଧରେ ପରିସ୍ଥିତି ଅନୁସାରେ ଅଭିନୟ କରିବାକୁ ବାଧ୍ୟ ହୋଇଥାଏ । ସେହି ଦୁର୍ବଳତା ଆମ ସମସ୍ତଙ୍କର ରହିଚି । ତେଣୁ ଏହି ଦୁର୍ବଳତାରୁ ମୁକ୍ତ ହେବାଲାଗି ପରସ୍ପରକୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ।

ପୁଣିଥରେ ମାନପୁର ଯିବାର ଅବସର ପାଇଲେ ମୁଁ ନିଶ୍ଚୟ ଖୁସିହେବି । କିନ୍ତୁ ନାନାପ୍ରକାରେ ଅପରାଧୀ ହୋଇ ବସିଥିବା ଏହି ଲୋକଟାକୁ ଭଗବାନ ସେ ସୁବିଧା କେବେ ଦେଉଛନ୍ତି କେଜାଣି ?

ଶବ୍ଦ ଗୁଡ଼ିକ ପଠାଣେ ଅନେକ ଧନ୍ୟବାଦ । କିନ୍ତୁ ମୋ'ର ଆହୁରି ଅନେକ ଦରକାର । ତେଣୁ ତୁମର ସମୟ ଅନୁସାରେ ସେଥିପ୍ରତି ଉଦ୍ୟତ ରହିଥିବ । ଚମ୍ପତିମୁଣ୍ଡାର ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆଜି ନିମନ୍ତ୍ରଣ–ପତ୍ର ପାଇଲି । କିନ୍ତୁ ସେମାନେ କ'ଣ ଭାବି ମୋ'ତେ ନିମନ୍ତ୍ରଣ କରିବାକୁ ସ୍ଥିର କଲେ, ସେହିମାନେ ହିଁ ଜାଣନ୍ତି ।

୩୪ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ଅନ୍ୟାସୀପୁର, ପୋ:କାଇପଡା ।
ଆଗ୍ରା, ୨।୧।୬୦
ଆଜି ଚମ୍ପତିମୁଣ୍ଡାର ସ୍କୁଲରେ ହେଉଥିବା ବାର୍ଷିକ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ପାଇଲି । ଏହି ଉତ୍ସବ ସହିତ ତୁମମାନଙ୍କ ଜୀବନରେ ଯଦି ଟିକିଏ ଅଧିକ ଆନନ୍ଦ ଓ ଆଶାର ସଞ୍ଚାର କରିବାର ବ୍ୟବସ୍ଥା ହୋଇପାରିବ, ତେବେ ଭିତରେ ଯେତେ ଉତ୍ପୀଡ଼ିତ ଅନୁଭବ କରୁଥିଲେ ମଧ୍ୟ ମୁଁ ତଥାପି ଖୁସୀ ହେବି ।

ତୁମେମାନେ ସମସ୍ତେ ଯାଇ ଯଦି ଅନୁଗୁଳରେ ଚାକିରୀ କର ତଥାପି ମୁଁ ମନ ଭିତରେ ଆଦୌ କୌଣସି ପ୍ରକାରେ କ୍ଷୁର୍ଣ୍ଣ ହେବିନାହିଁ । ପ୍ରତ୍ୟେକର ଜୀବନ ପଥରେ ଆମେ ପ୍ରତ୍ୟେକେ ସ୍ୱାଧୀନ । ଆମେ କେହି କାହାରି ଉପରେ ଛାଇ ମଡ଼େଇ ଦେଇ ରହିବାକୁ ଚେଷ୍ଟା କରିବା ନାହିଁ । ଆମେ ନିର୍ଭୀକ ଭାବରେ, ନମ୍ର ଭାବରେ ସଂସାରରେ ମଣିଷ ହୋଇ ରହିବା, ମୁଁ ସବୁବେଳେ କେବଳ ଏତିକି କହି ଆସିଚି ଓ କହୁଥିବି । ଧ୍ରୁବଭାଇ, ବଂଶୀଭାଇ ଓ ଆଉ ଅନ୍ୟମାନେ ଯଦି ଅନୁଗୁଳରେ ରହିଲେ, ସେମାନଙ୍କର ଜୀବନର ମଙ୍ଗଳ ହେବ ବୋଲି ବିଚାରିଲେ, ତେବେ ମୋ'ର ତ ସେହିମାନଙ୍କର ଇଚ୍ଛାକୁ ସମର୍ଥନ କରିବା କଥା । ମୁଁ କେବଳ ଏତିକି ଆଶା କରିବି ଯେ ଯେପରି ସେମାନେ ଏପରି କାମ କଲେ ବୋଲି ମୋ' ପାଖରେ ବା ଅନ୍ୟ କାହାରି ପାଖରେ ଆପଣାକୁ ହୀନ ବୋଲି ବିଚାର ନକରନ୍ତି । ଭୀରୁ ହେବା ଓ ଆପଣାକୁ ହୀନ ବୋଲି ବିଚାର କରିବା ଠାରୁ ବଳି ବଡ଼ ପାପ ଦୁନିଆରେ ନାହିଁ । ଏହି ମୂଳ ପାପରୁ ଅନ୍ୟାନ୍ୟ ସମସ୍ତ ପାପ ଉଦ୍‌ଗମ ହୁଏ ।

ତୁମେ ଯେତେବେଳେ କଟକ ଆସିବ, ସେତେବେଳେ ଖାତାଗୁଡ଼ିକ ଚାନ୍ଦନୀଚୌକ ମନମୋହନ ପ୍ରେସ୍‌ରେ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ଜିମା ଦେଇଗଲେ ମୁଁ ଗ୍ରୀଷ୍ମଛୁଟୀରେ

Digitized by srujanika@gmail.com

ଓଡ଼ିଶା ଗଲେ ପାଇପାରିବି । ଭଲକରି ବାଛିବୁଛି ଦେଇଗଲେ ହେବ । ଏପରି କଲେ ଡ଼ାକଖର୍ଚ୍ଚରୁ ରକ୍ଷା ମିଳିବ ।

ଆପଣାର କର୍ତ୍ତବ୍ୟ କରିଯିବ । ତୁମେ କ'ଣ କଲେ ମୋ'ର ପରାଜୟ ବା ଅପମାନ ହେବ ବୋଲି କଦାପି ଭାବିବ ନାହିଁ । ମୁଁ ଯେପରି ତୁମର ବା ଆଉ କାହାରି ଅଗ୍ରଗତିର ପଥରେ କୌଣସି ପ୍ରକାରେ ଅନ୍ତରାୟ ହୋଇ ନରହେ ।

୩୫ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ମେରିଆବଜାର, କଟକ ।
ଆଗ୍ରା, ୨୮।୧।୬୦
ଚିରଭାଇ ଏପର୍ଯ୍ୟନ୍ତ ବଡଲୋକ ହୋଇନାହାନ୍ତି । ତୁମେ ଜାଣିଚ, ସେ ଜାଣିଶୁଣି ଆପଣାକୁ ବଡ଼ଲୋକ ହେବାର ଦୁର୍ଭାଗ୍ୟରୁ ବଞ୍ଚିତ କରିଚନ୍ତି । ତେଣୁ ଭୟ କରିବାର କାରଣ ନାହିଁ । ତୁମେ ଏକଥା ଭଲକରି ଜାଣ ଯେ ମୁଁ ଚମ୍ପତିମୁଣ୍ଡାରେ ଗୋଟାଏ ବର୍ଷ ଏକୁଟିଆ ରହି ଡି.ପି.ଆଇ.ଙ୍କ ସହିତ ସଂଗ୍ରାମ କରୁଥିଲି, ସମସ୍ତଙ୍କ ପାଖକୁ ଲେଖୁଥିଲି । ଯେଉଁମାନଙ୍କର ସହଯୋଗ ପାଇବା କଥା, ସେମାନେ ଛାତ୍ରାବାସରେ ରହି ମୋ'ର ଦୁର୍ବଳତା ଓ ଦୋଷକୁ ହସି ମଜାକରି ସମୟ କଟାଉଥିଲେ । ଦିନେ ଚମ୍ପତିମୁଣ୍ଡାର ଦୁଆର ମଧ ମାଡ଼ିନଥିଲେ । ଯେତେବେଳେ ଆପଣା ଘରର ଅବସ୍ଥା ଏଇଆ, ସେତେବେଳେ ମୁଁ କୋଉ ମୁହଁରେ କାହା ଭରସା ନେଇ ଲଢ଼ିଥାନ୍ତି । ମୋ'ର ମନେ ହେଲା ଯେପରି ମୁଁ ଅପସରି ଗଲେ ହିଁ ସେମାନେ ଚମ୍ପତିମୁଣ୍ଡାରେ ଅଧିକ ମନଦେବେ । ଏହାଭାବି ମୁଁ ନିଜେ ସେଠାରୁ ବିଦାୟ ହୋଇ ଆସିଲି । ତାହା ତ ପ୍ରାୟ ଦୁଇ ବରଷର କଥା । ଏ ବିଷୟରେ ମୁଁ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ମଧ କହିଥିଲି । ତାଙ୍କୁ D.P.I.ଙ୍କ ଚିଠିର ନକଲ ମଧ ଦେଇଥିଲି । ଏଠାରେ ମୁଁ ସେସବୁ ଚିଠିପତ୍ର ରଖିନାହିଁ । ନୀଳାମ୍ବର ବାବୁ ମଧ ସବୁକଥା ଜାଣନ୍ତି । ଯଦି ସମସ୍ତେ ଆସେମ୍ବ୍ଲିରେ ପାଟିକରି କିଛି କରିପାରିବେ, ତେବେ ମୁଁ ଅବଶ୍ୟ ଖୁସୀ ହେବି । କିନ୍ତୁ ବିଦ୍ୟାଳୟର ବର୍ତ୍ତମାନ କର୍ତ୍ତାମାନେ ଏ ବିଷୟରେ କିଛି ... ନ କରିବା ଯାଏ ଫଳ କ'ଣ ହେବ କେଜାଣି ?

ସମାବର୍ତ୍ତନରେ କ'ଣ ସବୁ ହେଲା ? ଅର୍ଥାତ୍ ବିଦ୍ୟାଳୟର ଭବିଷ୍ୟତ ବିଷୟରେ କ'ଣ ଠିକ୍ ହେଲା ? ମୋ'ର ବିଶ୍ୱାସ ଏଥର ସେମାନଙ୍କୁ ମୋ'ର ଭୂତ ଛାଡ଼ିଯିବ ଓ ସେମାନେ କ୍ରମେ ବିଦ୍ୟାଳୟର କାମରେ ଅଧିକ ମନଦେବେ । ବିନୋଦଭାଇ ଏବେ ଲେଖିଥିଲେ ଯେ ତୁମେ 'ଡ଼ଗର' ପ୍ରେସରେ କାମ କରୁଚ ।

ମୁଁ ତୁମକୁ ବା ଆଉ କାହାକୁ ଉଦ୍ଧତ ବା ଅପଦାର୍ଥ ବୋଲି ଦିନେ ହେଲେ ଅସଚେତରେ ସୁଦ୍ଧା ଭାବିନାହିଁ । ତେଣୁ ଭୁଲିବା ସମ୍ଭବ ନୁହେଁ ।

୩୬ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ମେରିଆବଜାର, କଟକ ।
ଆଗ୍ରା, ୪।୩।୬୦
ମୁଁ ଭାବୁଚି ତୁମେ ଚମ୍ପତିମୁଣ୍ଡାର ପାଠକୁ ସ୍ୱୀକାର କରିବା ପାଇଁ ଲାଗିଚ, ଖୁବ୍ ଭଲ କଥା । କିନ୍ତୁ ତା'ସହିତ ଆପଣାଲାଗି ମଧ କୌଣସି ସ୍ଥାୟୀ କ୍ଷେତ୍ର ଯୋଗାଡ଼ କରିବାର

Digitized by srujanika@gmail.com

ଚେଷ୍ଟା ଯେପରି ସବୁବେଳେ କରୁଥାଅ । ବାହାର ଡିଗ୍ରୀ ବା ସ୍ୱୀକାର ନପାଇଲେ ମଧ୍ୟ ଆପଣାର ଗୁଣ ଓ ଯୋଗ୍ୟତାର ପରିଚୟ ଦେଇ ଆମେ ଅନେକ କିଛି କରିପାରିବା, ଅନେକ ଭଲ ଭଲ କ୍ଷେତ୍ରର ଦୃଷ୍ଟି ଆକର୍ଷଣ କରିପାରିବା । ଏହା ମୁଁ ସତ କହୁଚି । ତେଣୁ ତୁମେ ହତାଶ ବା ବିରକ୍ତ ନହୋଇ ଯଦି କୌଣସି ସୁଯୋଗ୍ୟ କାର୍ଯ୍ୟରେ ଆପଣାକୁ ନିଯୁକ୍ତ କରିପାର ଓ ସେଥିରୁ ଆନ୍ତରିକ ସନ୍ତୋଷ ଲାଭ କରିପାର, ତେବେ ତାହାହିଁ ମୋ'ର ସବୁଠାରୁ ବଡ଼ ଆନନ୍ଦର କଥା ହେବ । ଚମ୍ପତିମୁଣ୍ଡାର ସମସ୍ତେ ତାହାହିଁ କରନ୍ତୁ, ଏହାହିଁ ମୋ'ର ମନର ଅଭିଳାଷ ରହିଚି ।

ଏଠାରେ ରହି ଚମ୍ପତିମୁଣ୍ଡା ପାଇଁ ମୁଁ କ'ଣ କରିପାରିବି । ସେଠାର କର୍ତ୍ତାମାନେ ଯେପର୍ଯ୍ୟନ୍ତ ଏ ବିଷୟରେ ଆଗଭର ନହେବେ, ଦିଲ୍ଲୀରେ ବଡ଼ ବଡ଼ ଲୋକେ କ'ଣ କରିପାରିବେ, କାହିଁକି ବା କରିପାରିବେ ? ତୁମେ ତ ଲେଖିଥିଲ, ନୁମା କ'ଣ ସରକାରଙ୍କୁ ଚିଠି ଦେଇଥିଲେ, ତା'ର ପରିଣାମ କ'ଣ ହେଲା ଲେଖିବ ।

ତୁମେ ଲେଖାଲେଖି କରୁଚ ନା ଅଭ୍ୟାସ ଛାଡ଼ିଦେଲଣି । ସେପରି ହୋଇଥିଲେ ମୁଁ ବଡ଼ ଦୁଃଖିତ ହେବି । ଯେତେ ପ୍ରତିକୂଳ ଅବସ୍ଥାରେ ପଡ଼ିଲେ ମଧ୍ୟ ଆମର ଆପଣାର ସୁଗୁଣମାନ କଦାପି ଛାଡ଼ିଦେବା ଉଚିତ ନୁହେଁ । ତେଣୁ କର୍ମମୟ ଜୀବନରେ ଯେତିକି ଯୌବନର ଉତ୍ସାହ ରହିଚି, ତୁମର ଧ୍ୟାନମୟ ଓ ବିଚାରମୟ ଜୀବନରେ ଭଗବାନ ସେତିକି ଯୌବନ ଭରାଇ ରଖନ୍ତୁ ।

୩୭ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ମେରିଆବଜାର, କଟକ ।
ଆଗ୍ରା, ୨୭।୩।୬୦

ଚମ୍ପତିମୁଣ୍ଡା ବିଷୟରେ ତୁମେ ଯାହା ଲେଖିଚ ଜାଣି ମୁଁ ଆଶ୍ଚର୍ଯ୍ୟ ହେଲି । ସେଠାରୁ ଅନେକ ଦିନ ହେଲା ମୁଁ କୌଣସି ଚିଠିପତ୍ର ପାଉନାହିଁ । ସେହି ବିଦ୍ୟାଳୟର ପିଲାମାନେ ମଧ୍ୟ ଆଉ ଚିଠିପତ୍ର ଦେଉନାହାନ୍ତି । ଏଣିକି କ୍ରମେ ଭୁଲିଯିବେ । ତୁମେ ସବିଶେଷ ଖବର ଲେଖିବ । ଚମ୍ପତିମୁଣ୍ଡା ବିଦ୍ୟାଳୟର ଶିକ୍ଷାକୁ ସ୍ୱୀକାର କରିବା ବିଷୟରେ ତୁମେ ଯେଉଁ ଚେଷ୍ଟାରେ ଲାଗିଚ, ତାହା ପଛରେ ମୋ'ର ସମର୍ଥନ ରହିଚି । କିନ୍ତୁ ମୋ'ର କହିବା କଥା ଯେ ଚମ୍ପତିମୁଣ୍ଡାର କର୍ତ୍ତାମାନେ ଚୁପ୍ ରହିଥିବା ପର୍ଯ୍ୟନ୍ତ ଓ ବାଦ ବିବାଦରେ ଶକ୍ତି କ୍ଷୟ କରୁଥିବା ପର୍ଯ୍ୟନ୍ତ ଏ ବିଷୟରେ ବିଶେଷ କିଛି ଆଗେଇ ହେବନାହିଁ । କିନ୍ତୁ ତୁମର କର୍ତ୍ତବ୍ୟ ତୁମେ କରୁଚ, ଏହା ଅବଶ୍ୟ ଆନନ୍ଦର କଥା ।

କିନ୍ତୁ ତୁମେ ଯାହାକର ପଛକେ, ଆପଣାର ଲେଖିବା ଓ ପଢ଼ିବା ଆଦୌ ବନ୍ଦ କରନାହିଁ । ମନର ଅବସ୍ଥା ଯାହାର ଭଲଥାଏ, ଯାହାର କୌଣସି ଅଭାବ ନଥାଏ, ସିଏ ସାହିତ୍ୟ ଲେଖିପାରେନାହିଁ । ପ୍ରତିକୂଳ ଅବସ୍ଥାରେ ପଡ଼ିଲାବେଳେ ହିଁ ମଣିଷ ଜୀବନକୁ ଅଧିକ ନିବିଡ଼ ଭାବରେ ଚିହ୍ନିବାର ସୁଯୋଗ ପାଏ ଏବଂ ସେହି ପରିଚୟକୁ ସାହିତ୍ୟ ଜରିଆରେ ପ୍ରକାଶ କରେ । ତୁମେ ମନ ଭିତରେ କଦାପି ଦରିଦ୍ର ହୁଅନାହିଁ, ପରିସ୍ଥିତି ଉପରେ ଅଭିମାନ କରି ଆପଣାକୁ କଦାପି ମାରିଦିଅନାହିଁ । ସଂସାରର ସମସ୍ତ ଅନ୍ୟାୟ

Digitized by srujanika@gmail.com

ଓ ଅସୁନ୍ଦରତା ସତ୍ତ୍ୱେ ସାହିତ୍ୟକୁ ତଥାପି ବଞ୍ଚି ରହିବାକୁ ହେବ, ଆପଣାକୁ ଆବିଷ୍କାର କରିବାକୁ ହେବ, ନିର୍ଭୟ ହୋଇ ଆପଣାର କଥା କହିବାକୁ ହେବ । ତେଣୁ ତୁମେ ଅଟକି ଯାଅନାହିଁ, ଆଗେଇ ଚାଲ ।

ହରଭାଇ ବ୍ରହ୍ମପୁରରୁ ଚିଠି ଦେଇଚନ୍ତି, କିନ୍ତୁ ଠିକଣା ଦେଇନାହାଚି । ତୁମେ ତାଙ୍କର ବ୍ରହ୍ମପୁର ଠିକଣା ଜାଣିଚ କି ? ଆମର ମେ' ମାସରେ ଛୁଟୀ ହେବ । ପ୍ରଥମ ମାସଟା ମୁଁ ହିମାଳୟ ଯିବି । ଏଥର ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଯିବି । ତା'ପରେ ରଙ୍କ ବେଳକୁ ଓଡ଼ିଶା ଯିବାର ଅଭିଳାଷ ଅଛି । ଯାହା ଭଗବାନ କରିବେ ।

ଜୀବନର ସମସ୍ୟାରେ ବିଚଳିତ ହୁଅନାହିଁ — ସେଗୁଡ଼ିକର ସମ୍ମୁଖୀନ ହୁଅ । ଅଧିକ ଶାନ୍ତ ହୋଇ ଆପଣାର କର୍ତ୍ତବ୍ୟ କରିଯାଅ ।

୩୮ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।

ସାଇ୍ୟାରା, ହିମାଳୟ, ୧।୬।୬୦

ଏହି ଛୁଟୀ ଆରମ୍ଭରୁ ମୁଁ ହିମାଳୟ ଭ୍ରମଣରେ ବାହାରି ଆସିଥିଲି । ଏଥର ଯମୁନେତ୍ରୀ ଓ ଗଙ୍ଗୋତ୍ରୀ ଦର୍ଶନ ହେଲା । ହିମାଳୟର ଶାନ୍ତ ଓ ସୌମ୍ୟରୂପ ଦର୍ଶନ ହୃଦୟରେ ଅନେକ ଶାନ୍ତି ଓ ବିଶ୍ୱାସର ସଞ୍ଚାର କଲା ।

ଏଠି ରହିବା ପର୍ଯ୍ୟନ୍ତ ମଧ ମୁଁ ମାନପୁରରୁ ଆଚାର ଲୋଭ ଛାଡ଼ିପାରିବି ନାହିଁ । ତୁମେମାନେ ବଡ଼ହୁଅ, ସଂସାରରେ ମଣିଷ ହୁଅ, ଆପଣା ଗୋଡ଼ରେ ଠିଆହୁଅ, ସେତେବେଳେ ଅଯୋଗ୍ୟ ଚିତ୍ତଭାଇ ଆପଣାର ଭାରକୁ ତୁମରିମାନଙ୍କ ଉପରେ ଅଜାଡ଼ି ଦେଇ ନିଶ୍ଚିନ୍ତ ହେବ ।

୩୯ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଶରତ ଆଶ୍ରମ ସ୍କୁଲ, ମୟୂରଭଞ୍ଜ ।

ଆଗ୍ରା, ୧।୮।୬୦

ତୁମ ବିଷୟରେ ନିୟମିତ ଭାବରେ ସବୁକଥା ଜାଣିବାକୁ ମୁଁ ଯେ କେତେ ଉଦ୍‌ବିଗ୍ନ ସେକଥା ଯୁକ୍ତି ଦେଇ ପ୍ରମାଣ କରିବା ଦରକାର ନାହିଁ । ... ସେଥିରେ ଅନ୍ୟ ସମସ୍ତ କଥା ମଧ ଲେଖିବ । ତୁମର ଚିଠି ପାଇଲେ ମୁଁ ପୁଣି ବିସ୍ତୃତ ଚିଠି ଦେବି ।

୪୦ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଆଶ୍ରମ ସ୍କୁଲ, ଶରତ, ମୟୂରଭଞ୍ଜ ।

ଆଗ୍ରା, ୧୯।୮।୬୦

ଆପଣା ଗୋଡ଼ରେ ଠିଆ ହୋଇ ଶିଖ । ଟଙ୍କାଙ୍କା ତୁମକୁ ବାଉଳା କରିନଦେଉ । ସେଠାରେ ଯେଉଁମାନେ ଅଛନ୍ତି, ସେମାନେ ଅନୁଗ୍ରହ ପାଇ ଅଛନ୍ତି, ଅନ୍ୟ କୁଆଡ଼େ ଯାଇ ନପାରି ଅସରଣରେ ସେଠାରେ ଅଛନ୍ତି । କାଲି ଅନୁଗ୍ରହ ଊଣା ହୋଇଯିବ ତ ସେମାନଙ୍କୁ ଟେକା ପଥର ପରି ବ୍ୟବହାର କରାଯିବ । ମୁଁ ବାଦଲକୁ ଦାରିଦ୍ର୍ୟରେ ଶୁଖିଶୁଖି ମରିଯିବାର ଦେଖିବାକୁ ପ୍ରସ୍ତୁତ ଅଛି, କିନ୍ତୁ ସ୍ୱାଧୀନଚେତା ସାହିତ୍ୟିକ ବାଦଲର ଅପମାନ ମୁଁ ସହିପାରିବି ନାହିଁ । ତୁମେ ଆପଣାର ଲେଖିବା ଆରମ୍ଭ କର । ମୁଁ ସେହିବାଟରେ ହିଁ ତୁମର ଅନେକ ବିକାଶ ନିହିତ ଥିବାର ଦେଖିପାରୁଚି । ସେଠାକୁ ଯାଇ ବ୍ୟକ୍ତିଗତ

Digitized by srujanika@gmail.com

ରାଜନୀତି ଭିତରେ ପଶି ଆପଣାର ମୁଣ୍ଡକୁ ବିକି ଦିଅନା । ଏତେ ସିଧାକରି ତୁମକୁ କେବେ ଚିଠି ଲେଖିନଥିଲି । ସେମାନଙ୍କୁ କିରାନୀ ଅନେକ ମିଳିବେ, କିନ୍ତୁ ନନିଗୋପାଳ ପାଲିତ୍ ଦୁଇଜଣ ମଧ୍ୟ ମିଳିବେ ନାହିଁ । ଖାସ୍ ଏଇଥିପାଇଁ ମୁଁ ଏକଥା ଲେଖିବାକୁ ବାଧ୍ୟ ହେଉଛି ।

ଆପଣାକୁ ଅଯୋଗ୍ୟ ବୋଲି କଦାପି ଭାବନାହିଁ । ଅଯୋଗ୍ୟ ବୋଲି ଭାବୁଥିବା ଯାଏ ସମସ୍ତେ ତୁମକୁ ଟେକା ପଥର ପରି ବ୍ୟବହାର କରିବେ, ଟଙ୍କାର ଲୋଭ ଦେଖାଇ ମେଣ୍ଢା ପରି ରଖିବାକୁ ଚେଷ୍ଟା କରିବେ । ବାରବାର ଝୁଣ୍ଟିପଡ଼ି ତଥାପି ମଣିଷ ହୁଅ । କିରାନୀ ହେବା ପୂର୍ବରୁ ମଣିଷ ହୋଇ ରହ ।

ସାହିତ୍ୟ ନୋଟ୍‌ରେ ପଞ୍ଚସଖାଠାରୁ ଅଛି । ତା'ପୂର୍ବର ନୋଟ୍ ନାହିଁ । ତୁମେ ଆଉ ବାହାରିଠାରୁ ଯୋଗାଡ଼ କରି ଆଣିପାରିବ ନାହିଁ ? ମୁଁ ଚନ୍ଦ୍ରଭାଇ ଓ ବୈରାଗୀଭାଇଙ୍କୁ ଏହିକଥା ଲେଖିଥିଲି, କିନ୍ତୁ ଉତ୍ତର ପାଇନାହିଁ ।

୪୧ । ଶ୍ରୀମାନ୍ ନନିଗୋପାଳ ପାଲିତ୍ (ବାଦଲଭାଇ), ଅନ୍ୟାସୀପୁର ।

ଆଗ୍ରା, ୨୩।୯।୬୦

ତୁମର ଚିଠିରେ ଚମ୍ପତିମୁଣ୍ଡା ଛାତ୍ରଙ୍କ ବିଷୟରେ ଯେଉଁ ଖବରଟି ଥିଲା, ତାହା ମୋତେ ଅନେକ ଆଶ୍ୱାସନା ଦେଲା । ଗତ ଦୁଇବର୍ଷ ହେଲା ମୁଁ ଚୋଟ ଖାଇ ପଳାଇ ଆସିଥିଲି, ତୁମମାନଙ୍କ ଭବିଷ୍ୟ ବିଷୟରେ ମୁଁ କିଛି କରି ପାରିନଥିଲି । କିନ୍ତୁ ତୁମେ ସେ ବିଷୟରେ କିଛି କରିପାରିଲ । ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ଇତିହାସରେ ଚମ୍ପତିମୁଣ୍ଡା ପ୍ରତି ସେମାନଙ୍କର ବ୍ୟବହାର ଓ ନୀତି ଏକ କଳଙ୍କ ହୋଇ ରହିବ । ଚମ୍ପତିମୁଣ୍ଡାର ଶେଷବର୍ଷ ମୁଁ ଏକୁଟିଆ ଏଥିପାଇଁ ସଂଗ୍ରାମ କଲି । ଚମ୍ପତିମୁଣ୍ଡାର ଗୁରୁଜନମାନେ ମଧ୍ୟ ମୋତେ ଏବିଷୟରେ କେବେହେଲେ କୌଣସି ଉତ୍ସାହ ଦେଉ ନଥିଲେ । ମୁଁ ସେମାନଙ୍କର ଚକ୍ଷୁଃଶୂଳ ହୋଇଥିବାରୁ ଚମ୍ପତିମୁଣ୍ଡାର ପିଲାମାନେ ମଧ୍ୟ ତାଙ୍କର ଚକ୍ଷୁଃଶୂଳ ହୋଇଥିଲେ । ଛାଡ଼ ସେ ପୁରୁଣା କଥାକୁ । ମୁଁ ତୁମକୁ ଏ ନିରାଶମୟ ବଡ଼ଭାଇର ସମସ୍ତ କୃତଜ୍ଞତା ଜଣାଉଛି । ତୁମରିମାନଙ୍କର ନିର୍ଭୀକତା ଓ ଭବିଷ୍ୟଜୀବନର କାର୍ଯ୍ୟ ଭିତର ଦେଇ ଚମ୍ପତିମୁଣ୍ଡା ବଞ୍ଚିରହିବ, ମୁଁ ବଞ୍ଚିରହିବି । ଏବେ ଶତ୍ରୁଘ୍ନ ବାବୁଙ୍କଠାରୁ ଚିଠି ପାଇଥିଲି, କିନ୍ତୁ ସେ ବିଷୟରେ କିଛି ନଥିଲା ।

ଆସନ୍ତା ବର୍ଷ ଟ୍ରେନିଂ ପାଇଁ ଯିବ ବୋଲି ଭାବୁଚ କି ? ଏହି ସମ୍ବାଦ ସତ୍ୟ ହୋଇଥିଲେ ୫୮ ଓ ୫୯ର ସବୁ ଭାଇଙ୍କ ପାଖକୁ ତାହା ପଠାଯିବା ଉଚିତ । ଅନ୍ତତଃ ଭରତଭାଇ ଓ ଆଉ କେତେଜଣଙ୍କ ପାଖକୁ, ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ଦୃଢ଼ ଯାଗାରେ ଠିଆହୋଇ ପାରିନାହାନ୍ତି ।

Digitized by srujanika@gmail.com

ଆଶ୍ରମ-ସ୍କୁଲରେ କାର୍ଯ୍ୟବ୍ୟସ୍ତ ଥିଲେ ମଧ୍ୟ ତୁମକୁ ଲେଖିବାକୁ ହେବ, କିଛି ନ ହେଲେ ଆପଣା ବିଚାରର ଡ଼ାଏରୀ ରଖିବାକୁ ହେବ, ଆପଣାର ମତାମତକୁ ସଜାଡ଼ି ରଖିବାକୁ ହେବ ।

୪୨ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଶରତ ଆଶ୍ରମ ସ୍କୁଲ, ମୟୂରଭଞ୍ଜ ।
ଆଗ୍ରା, ୯।୧୨।୬୦
ଗୋଟିଏ ସେମିନାରରେ ଯୋଗଦେବା ପାଇଁ ମୁଁ ଗତମାସଠାରୁ ଅମରାବତୀ (ମହାରାଷ୍ଟ୍ର) ଯାଇଥିଲି । ଗତ ତିନି ତାରିଖ ଦିନ ଏଠାକୁ ଫେରିଲି । ଜୀବନରେ ଆଗକୁ ବଢ଼ିବା ସଙ୍ଗେ ସଙ୍ଗେ ତୁମର ଆତ୍ମବିଶ୍ୱାସ ବଢ଼ିଚି, ସେଠାରେ କର୍ମୀମାନଙ୍କ ଭିତରେ ତୁମପ୍ରତି ସମସ୍ତଙ୍କର ଆସ୍ଥା ଓ ଆଦର ବଢୁଚି, ଦୂରସ୍ଥ ବଡ଼ଭାଇ ପକ୍ଷରେ ଏହା ଶୁଣିବା କମ୍ ସୌଭାଗ୍ୟର କଥା ନୁହେଁ । ଏହାର ଶ୍ରେୟ ତୁମର କି ମୋ'ର, ସେକଥା ବିଚାର କରିବାର ଅଧିକାର ଆମର ନାହିଁ । କାରଣ ସବୁ କ୍ଷେତ୍ରରେ ଶ୍ରେୟ ହେଉଚି ଭଗବାନଙ୍କର । ଆମେ ନିମିତ୍ତ ମାତ୍ର । ତାଙ୍କରିଠାରେ ବିଶ୍ୱାସ ଥିଲା ପର୍ଯ୍ୟନ୍ତ ଓ ଜୀବନ ପ୍ରତି ଶ୍ରଦ୍ଧା ରହିଥିଲା ପର୍ଯ୍ୟନ୍ତ ଆମେ ପରସ୍ପରର ଆଗକୁ ଯିବାରେ ପରସ୍ପର ସାହାଯ୍ୟ କରୁଥିବା, ସମୟ ଜାଣି ଟିକିଏ ବୋଧ ହେଉଥିବା, ଟିକିଏ ଉତ୍ସାହ ଦେଉଥିବା । ଏହା ବ୍ୟତୀତ ଆଉ କ'ଣ କରିବାର ସାଧ ଆମର ଅଛି ? ଚମ୍ପତିମୁଣ୍ଡାରେ ଯିଏ ହଟିନାହିଁ, ସିଏ ଜଗତରେ ମଧ୍ୟ ହଟିବନାହିଁ, ମୁଁ ଏକଥା ଜାଣେ । ତୁମର ନିଷ୍ଠା ଓ ନିର୍ଭୟତା ତୁମକୁ ଜୟଯୁକ୍ତ କରାଇବ ।

ସୁରଭାଇ ଚମ୍ପତିମୁଣ୍ଡାକୁ ଆସିଚନ୍ତି ବୋଲି ମୁଁ ଶୁଣିଚି । ଏବର୍ଷ କୁଆଡ଼େ ସବୁ ପିଲାଏ ମାଟ୍ରିକ୍ ପରୀକ୍ଷାରେ ବସୁଚନ୍ତି । ବର୍ତ୍ତମାନ ଡ଼ିସେମ୍ବର ମାସ । ମୋ'ର ଚମ୍ପତିମୁଣ୍ଡା କଥା ଭାରି ମନେ ପଡୁଚି । ତୁମମାନଙ୍କର କଥା ମନେ ପଡୁଚି । ଚାରିବରଷର ମାୟା ଯେମିତି ମୋ' ପଛେ ପଛେ ଭୂତ ହୋଇ ଦଉଡୁଛି । ଏହି ଜୀବନରେ ବୋଧହୁଏ ସେଥିରୁ ରକ୍ଷାନାହିଁ । ତୁମେମାନେ ବଡ଼ହୁଅ, ଅମଣିଷ ହେବାର ସମସ୍ତ ପ୍ରବର୍ତ୍ତନା ଓ ପ୍ରଲୋଭନ ସତ୍ତ୍ୱେ ତଥାପି ମଣିଷ ହେବାକୁ ଚେଷ୍ଟା କରୁଥାଅ, ଏତିକି ଆଶା ରଖି ମୁଁ ଯାହା ବଞ୍ଚି ରହିଚି ।

୪୩ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ବୀଚପୁରୀ, ଆଗ୍ରା ୨୭।୧।୬୧
ମୋର ଜଣେ ଆମେରିକାବାସୀ ଅତିଥି ଆସି ପହଞ୍ଚିଲେ । ତାଙ୍କୁ ବିଦାୟ ଦେଲା ବେଳକୁ ଉର୍ମ୍ମିଳା ଅପା ଆସି ହାଜର । ସାଙ୍ଗରେ କୋରାପୁଟର ଦୁଇଜଣ ଆଦିବାସୀ ପିଲା । ଏଠାରେ ସାତଦିନ ରହିବା ପରେ ସେମାନେ ଦିଲ୍ଲୀ ଯାଇଚନ୍ତି । ଏବେ ଫେରିବେ ଓ ଓଡ଼ିଶା ଯିବେ ।

ଶାନ୍ତିଭାଇଙ୍କର ବାହାଘର, ଅଥଚ ସେ ନିଜେ ଏପର୍ଯ୍ୟନ୍ତ ଜଣାଇଲେ ନାହିଁ । ତେଣୁ ଆପଣାକୁ ଉପେକ୍ଷିତ ବୋଲି ମନେ ହେଉଚି । କିନ୍ତୁ ଆହାର ବ୍ୟାପାରଟାରେ

Digitized by srujanika@gmail.com

ମୋ'ର କୌଣସି ପ୍ରକାର ଲଜ୍ଜାନାହିଁ, ସେକଥା ତୁମେ ଭଲକରି ଜାଣିଚ଼ । ତେଣୁ, ମୁଁ ଯେଉଁଦିନ ସୁଯୋଗ ପାଇବି, ସେଦିନ ଯାଇ ହାବୁଡ଼ିଯିବି ଏବଂ ଭୋଜୀଭାତର ଦାବୀ କରିବସିବି । ଶାନ୍ତିଭାଇଙ୍କୁ କହିବ, ତାଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ଉପଲକ୍ଷ୍ୟରେ ମୁଁ ତାଙ୍କୁ ଅନେକ ଶୁଭେଚ୍ଛା ଜଣାଉଚ଼ି ।

୪୪ । ଶ୍ରୀମାନ୍ ନନିଗୋପାଲ୍ ପାଲିତ୍, ଶରତ ଆଶ୍ରମ ସ୍କୁଲ, ଶରତ ।
ଆଗ୍ରା, ୭।୩।୬୧
ତୁମେ ଚିଠିପତ୍ର ଦେବାରେ ଖୁବ୍ ନିୟମିତ, ସେକଥା ମୁଁ ଭଲକରି ଜାଣେ । ତୁମର ଖବର ପାଇବା ଲାଗି ମୁଁ ସବୁବେଳେ ଉତ୍କଣ୍ଠିତ ହୋଇ ରହିଚି । ଚମ୍ପତିମୁଣ୍ଡାର ସବୁ ବିପଥଗାମୀଙ୍କର ସୁଖଦୁଃଖରେ ଭାଗନେବାରେ ଅଧିକାର ରହିଛି । ତେଣୁ ନିୟମ ଭଙ୍ଗ କରିବନାହିଁ ।

୪୫ । ଶ୍ରୀମାନ୍ ନନିଗୋପାଲ୍ ପାଲିତ୍, ଶରତ, ମୟୂରଭଞ୍ଜ ।
ଆଗ୍ରା, ୨୨।୩।୬୧
ଚମ୍ପତିମୁଣ୍ଡା ପିଲାଙ୍କ ପାଇଁ ଏଥର ଓଡ଼ିଶା ସରକାର ଯେଉଁ ଟ୍ରେନିଂର ସୁଯୋଗ ଦେଉଚ଼ନ୍ତି, ତୁମେ ସେହି ସୁଯୋଗ ଗ୍ରହଣ କରୁଚ଼ କି ? ଯଦି ଅନୁଷ୍ଠାନରୁ ଛୁଟୀ ମିଳେ ଓ ବାପା ପରାମର୍ଶ ଦିଅନ୍ତି, ତେବେ ଟ୍ରେନିଂ ନେଇଯିବା ମଧ ଭଲ । ଏହାଦ୍ୱାରା ଦୁଇବର୍ଷ ପୁଣି ଛାତ୍ରହେବାର ସୁଯୋଗ ପାଇବ ଓ ବିଚାରରେ ଅନେକ ଆଦାନ ପ୍ରଦାନ ମଧ ହୋଇପାରିବ । ଗୋଟାଏ ଜାଗାରେ ଆବଦ୍ଧ ରହିବା ପରି ବର୍ତ୍ତମାନ ଯେଉଁଭଳି ଅନୁଭବ କରୁଚ଼, ହୁଏତ ସେଥିରେ ପରିବର୍ତ୍ତନ ହେବ ।
ମୋ'ର ମନ କହୁଚି ବାଦଲ, ଯେତେପ୍ରକାର ପ୍ରତିକୂଳ ପରିସ୍ଥିତିରେ ରହିଲେ ମଧ ତୁମେ ଲେଖିବା ବନ୍ଦ କରନାହିଁ । କାରଣ ସେଇ କ୍ଷେତ୍ରରେ ତୁମର ବିକାଶର ଦିଗ ନିହିତ ରହିଚି । ପରିସ୍ଥିତି ଭଲହେବ ତା'ପରେ ଲେଖିବି, ଏପରି ଅପେକ୍ଷା କରିବା ଉଚିତ ହେଉନାହିଁ । ମନ ତିଆର ଥିଲେ ଯେକୌଣସି ପରିସ୍ଥିତି ମଧ ଲେଖିବାକୁ ପ୍ରେରଣା ଓ ସାମଗ୍ରୀ ଯୋଗାଇପାରେ । ମୋ'ର ମନକଥାର ବିଚାର କରିବ । ଲେଖିବାକୁ ହାତ ଚଳାଇବାକୁ ଆରମ୍ଭ କଲେ ମନର ଆବଦ୍ଧତା ମଧ ଭାଙ୍ଗିଯିବ ।

୪୬ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଶିକ୍ଷକ, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୫।୪।୬୧
ଏବେ ତୁମେ ଚିଠି ଲେଖିବାରେ ଭାରି ଡ଼େରିକରୁଚ଼ । ମୁଁ ଜାଣେ ତୁମକୁ ବହୁତ କାର୍ଯ୍ୟବ୍ୟସ୍ତ ରହିବାକୁ ପଡୁଚ଼ି । ତଥାପି ଏହି ନିଃସଙ୍ଗ ବଡ଼ଭାଇର କଥା ମନେ ପକାଇବାକୁ କଦାପି ଭୁଲିବ ନାହିଁ । ଜୀବନରେ ଅନେକ ଡ଼ୋର ଛିଡ଼ିସାରିଲାଣି, ଆଉ ଅଧିକ ଡ଼ୋର ଛିଡ଼ିଗଲେ ମୁଁ ଚଳି ମଧ ପାରିବିନାହିଁ ।

Digitized by srujanika@gmail.com

ତୁମେ ପୁଣି ଲେଖାଲେଖି ଆରମ୍ଭ କରିଚ, ତାହାହିଁ ଏଥରର ସବୁଠାରୁ ବଡ଼ ଖୁସୀ କଥା । ସଂସାରର ପରିସ୍ଥିତି ଭାରି ଖରାପ, ଭାରି ପ୍ରତିକୂଳ । ତଥାପି କବିକୁ ବଞ୍ଚି ରହିବାକୁ ହେବ । ତଥାପି ତାକୁ ଏ ସ୍ଥିତିକୁ ବଦଳାଇବାର ଦାୟିତ୍ୱ ବହନ କରିବାକୁ ହେବ । ତୁମେ ବାହାର ଜଗତ ଠାରୁ ବିଚ୍ଛିନ୍ନ ହୋଇ ଯାଇଚ ବୋଲି ଲେଖିଚ । ଇଉରୋପର ଜଣେ ଜଣେ ବୈଜ୍ଞାନିକ ଆଫ୍ରିକାର ଆଦିବାସୀଙ୍କ ଭିତରେ ବା ପ୍ରଶାନ୍ତ ମହାସାଗରର କେଉଁ ଅନାମଧେୟ ଦ୍ୱୀପରେ ଜୀବନର ୨୦/୩୦ ବର୍ଷ କଟାଇ ଦେଇଚ୍ଛନ୍ତି ଓ ଜଗତର ସାହିତ୍ୟକୁ ଅମୂଲ୍ୟ ସମ୍ପଦମାନ ଦେଇ ଯାଇଚ୍ଛନ୍ତି । ଓଡ଼ିଶାରେ ଏବିଷୟରେ କିଛି ହୋଇନାହିଁ । ଗୋପୀନାଥ ମହାନ୍ତି କିଛି କରିଚନ୍ତି, ତଥାପି ସେ ତ ହାକିମ ଥିଲେ, ତେଣୁ ହୁଏ ତ ବେଶୀ ଭିତରକୁ ଭେଦି ପାରିନାହାନ୍ତି । ବର୍ତ୍ତମାନ ମୁଁ ଯେଉଁ ଉପନ୍ୟାସଟି ଅନୁବାଦ କରୁଚି, ତାହା ପୋଲାଣ୍ଡର କୃଷକ-ଜୀବନ ଉପରେ ଲେଖା—ନୋବେଲ୍ ପୁରସ୍କାର ପାଇଚ୍ଛି । ତେଣୁ କୌଣସି ଖାସ୍ ସ୍ଥିତି ଆସିଲେ ସାହିତ୍ୟ ସୃଷ୍ଟି ସମ୍ଭବ ହେବ ତା' ନୁହେଁ । ଲେଖକ ତା'ର ଅନ୍ତର ଭିତରେ ହିଁ ଆପଣାର ପରିସ୍ଥିତି ସୃଷ୍ଟି କରିବ । ବାହାର ପରିସ୍ଥିତି ତା'ର ଭିତରର ସୃଷ୍ଟି ପାଇଁ ମସଲା ଯୋଗାଇବ ।

ହଁ, ଅନେକ ବର୍ଷ କାଳ ଯନ୍ତ୍ର ଭିତରେ ରହିବା ପରେ ଚମ୍ପତିମୁଣ୍ଡାର 'ଖୋଇ'ର କେତେକ ଅଂଶ ଏବେ 'ଜୀବନ ବିଦ୍ୟାଳୟ' ନାମରେ ପ୍ରକାଶିତ ହୋଇଚି । ଗ୍ରନ୍ଥମନ୍ଦିର ପ୍ରକାଶ କରିଚନ୍ତି । ତୁମର ଅନୁଷ୍ଠାନକୁ ଖଣ୍ଡେ ନେବ । ସେହି ବହିଟି ପାଇବା ଦିନରୁ ତୁମେମାନେ ସମସ୍ତେ ମୋର ଧ୍ୟାନ ଭୂମିକୁ ଅଧିକାର କରି ରଖିଚ, ଆଖି ବୁଜିଦେଲେ ମୁଁ ଯେପରି ଚମ୍ପତିମୁଣ୍ଡାରେ ତୁମମାନଙ୍କର କୋହାହଳ ଶୁଣିପାରୁଚ୍ଛି । ମନେ ହେଉଚ୍ଛି ଏହି ଜୀବନଟା ଯେପରି ପଛକୁ ଅନାଇ କଟିଯିବ ।

୪୭ । ଶ୍ରୀମାନ୍ ଶଶିଭୂଷଣ ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ବାଗଲପୁର, କଟକ, ୧୪।୬।୬୧
ଏହି ଛୁଟୀରେ ଆଉ ତୁମ ଗାଆଁକୁ ଯାଇ ହେଲାନାହିଁ । ସେପରି ଭାଗ୍ୟ ହେଲେ ସିନା ମୁଁ ଯାଇପାରନ୍ତି । ଯେଉଁଠି ଯାହା କାମ ଥାଉ ପଛକେ ଆପଣାର ବିଦ୍ୟାର୍ଥୀ ମନକୁ କଦାପି ଛାଡ଼ିଦେବ ନାହିଁ । ସମୟ ଅନୁସାରେ ପଢ଼ା ଓ ଲେଖା କରୁଥିବ । ତା'ହେଲେ ପୁଣି ଯେତେବେଳେ ପଢ଼ିବାକୁ ବାହାରିବ, ସେତେବେଳେ ବିଦ୍ୟାର୍ଥୀର ମନ ନେଇ ବାହାରି ଯାଇପାରିବ । 'ଜୀବନ ବିଦ୍ୟାଳୟ' ପାଇଲଣି ? ତୁମେମାନେ ସମସ୍ତେ ହିଁ ମୋତେ ସେତିକି ଲେଖିବାକୁ ପ୍ରେରଣା ଦେଇଚ୍ଛ ।

୪୮ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଶିକ୍ଷକ, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୭।୬।୬୧
ତୁମେ ମୋତେ କେତେକ କଥାରେ ସାହାଯ୍ୟ କରିପାରିବ ବୋଲି ଭାବୁଚ୍ଛି । ତୁମର ୯ମ ସୋପାନ ଓ ହରଭାଇଙ୍କ ଦଶମ ସୋପାନ ବେଳେ ଚମ୍ପତିମୁଣ୍ଡାରେ ବର୍ଷ ଶେଷ ପରୀକ୍ଷା ପାଇଁ ଯେଉଁ ପ୍ରଶ୍ନାବଳୀ ହୋଇଥିଲା, ମୋ'ର ତାହା ଦରକାର । ଚମ୍ପତିମୁଣ୍ଡାରେ

Digitized by srujanika@gmail.com

ଆମର ମଝିରେ ମଝିରେ ଯେଉଁ ଡ଼ିବେଟିଂ ହେଉଥିଲା, ସେଥିରେ ମୁଁ ପ୍ରାୟ ୧୦୦ଟି ବିଭିନ୍ନ ବିଷୟ ଦେଉଥିବି । ତୁମେ କେଉଁଠି ସେସବୁ ଲେଖିପାରିଚ କିମ୍ବା ତୁମର ସେଗୁଡ଼ିକ ମନେ ଅଛି କି ? ସମସ୍ତଙ୍କ ପାଖରୁ ଚିଠି ଲେଖିଲା ବେଳେ ଏକଥା ଲେଖିଲେ ତୁମେ ସଂଗ୍ରହ କରିପାରନ୍ତ । ଖୁବ୍ ସମ୍ଭବ ଆନନ୍ଦଭାଇଙ୍କ ପାଖରୁ ମିଳିପାରନ୍ତା । ତା'ପରେ ତୁମ ସୋପାନ ଓ ତୁମ ଉପର ସୋପାନର ଶିକ୍ଷା ଓ ସାହିତ୍ୟର ଇତିହାସ ନୋଟ୍‌ଗୁଡ଼ିକ ମୋ'ର ଅଧିକରୁ ଅଧିକ ଦରକାର । ତୁମଦ୍ୱାରା ଏଗୁଡ଼ିକ ସଂଗୃହୀତ ହୋଇପାରନ୍ତା ।

୪୯ । ଶ୍ରୀମାନ୍ ନନିଗୋପାଳ ପାଳିତ୍, ଅନ୍ୟାସୀପୁର, କାଇପଦା ।
ଆଗ୍ରା, ୪।୮।୬୧

ତୁମେ ଟ୍ରେନିଂକୁ ଯାଇପାରିଲ ନାହିଁ ବୋଲି ଜାଣି ବଡ଼ ଦୁଃଖିତ ହେଲି । ଟ୍ରେନିଂ ନ ଥିଲେ ତୁମ ବିଭାଗର ଚାକିରିରେ ଉଚ୍ଚତର ପାହିଆକୁ ଉଠିବାରେ କୌଣସି ଅସୁବିଧା ହେବନାହିଁ ତ ? ଚମ୍ପତିମୁଣ୍ଡାର ପୁରୁଣା ପିଲାଙ୍କୁ ଟ୍ରେନିଂର ସୁବିଧା ଦେଉଥିବାରୁ ମୁଁ ଶତ୍ରୁଘ୍ନ ବାବୁଙ୍କ ପାଖକୁ କୃତଜ୍ଞତା ଜଣାଇ ଚିଠିଲେଖିଚି ।

ପହଲି ଓ ଯଦୁ ଥୋରିଆ ସାହୀରେ କ'ଣ କରୁଚନ୍ତି ? ତୁମେ ସେଥିଲାଗି ଏପରି ବିରକ୍ତ ହେଲ କାହିଁକି ? ପ୍ରତିବାଦ ମୂଳକ ଚିଠି ଲେଖିବାରେ କ'ଣ ଲାଭ ହେବ ? ସେମାନେ ତ କଂସାରିଘରର ପାରା, ସେମାନେ ଏହି ପ୍ରତିବାଦରେ ଟଳିବେ କାହିଁକି ? ଜୟୀଭାଇ ପାଖରୁ ଚିଠି ଏବେ ପାଇଚି । ସେ ଲେଖିଚନ୍ତି ଯେ ଏ ବର୍ଷ ଚମ୍ପତିମୁଣ୍ଡାକୁ ଆସିବା ପାଇଁ ବହୁସଂଖ୍ୟକ ଛାତ୍ର ଦରଖାସ୍ତ କରିଥିଲେ । ପୁରୁଣା ଚମ୍ପତିମୁଣ୍ଡା ହୁଏତ ନୂଆ କଳେବରରେ ହାଇସ୍କୁଲ ହୋଇ ଦିନେ ପୂର୍ଣ୍ଣ ଗୌରବରେ ଠିଆ ହେବ, ଏପରି ଆଶା କରିବା ଅନ୍ୟାୟ ହେବନାହିଁ ।

ଯାହାହେଉ ପଛକେ ତୁମେ ନିଜର ଲେଖାଲେଖି ଛାଡ଼ି ନ ଥିବ । ଯେ କୌଣସି ପ୍ରକାରେ ସମୟ ଧରି ସ୍ୱାଧ୍ୟାୟ ଓ ସ୍ୱରଚନା ଚାଲୁରଖିବ । ସଂସାରର ଦାଉରେ ପଡ଼ି ଆପଣା ଭିତରେ କଅଁଳି ଆସୁଥିବା ପ୍ରତିଭାକୁ ମାରିଦେବ ନାହିଁ ।

ଏବର୍ଷ ବଢ଼ିରେ ମଧ୍ୟ ତୁମ ଅଞ୍ଚଳର କିଛି କମ୍ କ୍ଷତି ହୋଇନଥିବ ।

୫୦ । ଶ୍ରୀମାନ୍ ନନିଗୋପାଳ ପାଳିତ୍, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୦।୯।୬୧

ତୁମର ଚିଠି ମୋତେ ମୋ'ର ମନ ତରଣୀରେ ଚମ୍ପତିମୁଣ୍ଡାକୁ ଫେରାଇ ନେଇଯାଏ । ତଦ୍ୱାରା ମୁଁ ଅନେକ ଆନନ୍ଦ ପାଏ । ତୁମର ନିର୍ଭୟ ମନର ସଦିଚ୍ଛା ହିଁ ତୁମକୁ ଜୀବନରେ ଜୟଯୁକ୍ତ କରାଇନେବ, ଏ ବିଶ୍ୱାସ ମୋ'ର ସବୁବେଳେ ରହିଚି । ଧନରେ ତୁମେ ବଡ଼ ନ ହେଲେ ମୋ'ର ମନରେ କୌଣସି ଦୁଃଖନାହିଁ । କିନ୍ତୁ ସଂସାରରେ ଅନ୍ୟାୟକୁ ଅନ୍ୟାୟ ବୋଲି କହିବାର ଶୁଦ୍ଧତା ତୁମର ସବୁବେଳେ ରହିଥାଉ, ତୁମଠାରୁ ମୁଁ ଏହି ବଡ଼ମନ କାମନା କରୁଚି ।

Digitized by srujanika@gmail.com

'ଜୀବନ ବିଦ୍ୟାଳୟ' ତୁମକୁ ଭଲ ଲାଗିଲା । ... ମାଳତୀ ଦେବୀଙ୍କ ପାଖକୁ ସେଥିରୁ ଖଣ୍ଡେ ପଠାଇ ତାଙ୍କର ପୁରୁଣା ଘାଆକୁ ପୁଣି ଉଖାରିବା ମୁଁ ଉଚିତ ମନେ କରୁନାହିଁ । ଜୟୀଭାଇ ସେହି ବହିରୁ ଖଣ୍ଡେ କିଣିଚନ୍ତି । ମାଳତୀଦେବୀଙ୍କର ଆଗ୍ରହ ହେଲେ ସେ ଅବଶ୍ୟ ପଢ଼ିବାକୁ ପାଇବେ । ଚମ୍ପତିମୁଣ୍ଡାର କାର୍ଯ୍ୟକୁ ଲୋକଗୋଚରକୁ ଆଣିବା ଲାଗି ମୁଁ ମଧ ବିଚାର କରୁଚି । ସେଇଥିପାଇଁ ତ ମୁଁ ତୁମମାନଙ୍କୁ ନୋଟ୍, ପ୍ରଶ୍ନପତ୍ର ପ୍ରଭୃତି ସଂଗ୍ରହ କରିବାକୁ ବାରବାର ଅନୁରୋଧ କରୁଚି । ଆମର ସେଠାରେ ତର୍କାଲୋଚନାରେ ଯେଉଁସବୁ ବିଷୟ ଦିଆଯାଉଥିଲା, ମନେକରି ତାହାର ଗୋଟିଏ ତାଲିକା ପଠାଇପାରିବ କି ? ମୋ'ର ତ ଅନୁମାନ ସର୍ବମୋଟ ବିଷୟ ପ୍ରାୟ ଶହେରୁ ଅଧିକ ହେବ ।

୫୧ । ଶ୍ରୀମାନ୍ ଶଶିଭୂଷଣ ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ଆଗ୍ରା, ୧୧।୧୦।୬୧
ତୁମମାନଙ୍କର ଆଗ୍ରହ ମଧରେ ଚମ୍ପତିମୁଣ୍ଡା ବଞ୍ଚି ରହିଥିଲେ ମୁଁ ପରମ ସନ୍ତୋଷ ଲାଭ କରିବି । ୧୯୬୨ ମସିହାରେ ତୁମ ସହିତ ସାକ୍ଷାତ କରିବାର କର୍ତ୍ତବ୍ୟ ମୋ'ର ମଧ ରହିଚି । ୧୯୫୭ ମସିହାରେ ଗୋଟାଏ ପ୍ରଶ୍ନର ଉତ୍ତର ମୁଁ ପାଞ୍ଚବର୍ଷ ପରେ ଦେବି ବୋଲି କହିଥିଲି । ୧୯୬୨ରେ ମିଆଦ ପୂରିଯାଉଚି । ତୁମେ ଯଦି ଏପର୍ଯ୍ୟନ୍ତ ଉତ୍ତର ଅପେକ୍ଷାରେ ରହିଥାଅ, ତେବେ ମୋତେ ସେହି ଉତ୍ତର ଦେବାକୁ ହିଁ ପଡ଼ିବ । ତେଣୁ ଭଗବାନଙ୍କୁ ଡ଼ାକୁଚି ଏଥର ମାନପୁର ଯିବାର ସୁଯୋଗ ଓ ସମୟ ଯେପରି ମୁଁ ନିଶ୍ଚୟ ପାଇବି ।

୫୨ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଶିକ୍ଷକ, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୧୦।୧୧।୬୧
ଏହା ଭିତରେ ଜୟୀଭାଇ ଚମ୍ପତିମୁଣ୍ଡାରୁ କେତୋଟି ପ୍ରଶ୍ନପତ୍ର ମୋ'ପାଖକୁ ପଠାଇଚନ୍ତି । ସେଥିରେ ସବୁ ପ୍ରଶ୍ନ ଥିଲାପରି ମନେ ହେଉନାହିଁ । ତେଣୁ, ତୁମେ ମଧ ସଂଗ୍ରହ କରୁଥିବ । ଅନେକ ଦିନ ତଳେ ଚନ୍ଦ୍ରମୋହନ ଭାଇଙ୍କଠାରୁ ଚିଠି ପାଇଥିଲି । ଉତ୍ତର ଦେଇଚି । ଅବସ୍ଥାଚକ୍ରର ଅସୁବିଧାରେ ପଡ଼ି ହୁଏତ କିଏ କିଏ ମୋ' ପାଖକୁ ଚିଠି ଦିଅନ୍ତି ନାହିଁ, ତଥାପି ସମସ୍ତଙ୍କ ମନରେ ଚମ୍ପତିମୁଣ୍ଡାର ସେହି ସ୍ନେହମୟ ଜୀବନ ପ୍ରତି ଶ୍ରଦ୍ଧା ରହିଚି, ଏଥିରେ କୌଣସି ସଂଶୟ ନାହିଁ । ପ୍ରତ୍ୟେକ ସପ୍ତାହରେ ମୁଁ ଚମ୍ପତିମୁଣ୍ଡାର କୌଣସି ନା କୌଣସି ଭାଇଙ୍କଠାରୁ ନିଶ୍ଚୟ ଚିଠି ପାଉଚି ।

ଆଜି ରାତିରେ ମୁଁ ଆନ୍ତର୍ଜାତିକ ସାହିତ୍ୟ ସମ୍ମିଳନୀରେ ଯୋଗଦେବାକୁ ଦିଲ୍ଲୀ ଯାଉଚି । ରବୀନ୍ଦ୍ର ଶତବାର୍ଷିକୀ କାର୍ଯ୍ୟକ୍ରମର ଏକ ଅଙ୍ଗରୂପେ ସାହିତ୍ୟ ଏକାଡ଼େମୀ ଦ୍ୱାରା ଏହା ଅନୁଷ୍ଠିତ ହେଉଚି । ସେଠାରେ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ରହିବି । ଭାରତୀୟ ପ୍ରତିନିଧିମାନଙ୍କ ବ୍ୟତୀତ ବିଦେଶରୁ ପ୍ରାୟ ପଚାଶଜଣ ପ୍ରଖ୍ୟାତ ସାହିତ୍ୟିକ ନିମନ୍ତ୍ରିତ ହୋଇ ଏଥିରେ ଯୋଗ ଦେବାକୁ ଆସୁଚନ୍ତି ।

Digitized by srujanika@gmail.com

ତୁମର ଟ୍ରେନିଂ ଯିବାର କଥା କ'ଣ ହେଲା ? ଆଜି ତରତରରେ ଅଧିକ କିଛି ଲେଖିପାରୁନାହିଁ ।

୫୩ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଶିକ୍ଷକ, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୧।୧୨।୬୧
ତୁମେମାନେ ଯିଏ ଯେଉଁଠି ଅଛ, ସେଠି ମଣିଷ ହିସାବରେ ରହିଥାଅ, ମଣିଷ ପରି ନିର୍ଭୀକ ହୋଇ ବିଚାର କରି ଶିଖ, ଏହାହିଁ ମୋର ସବୁଠାରୁ ବଡ଼ ଆନନ୍ଦ । ଯେଉଁମାନେ ମଣିଷ ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାରେ ବିଶ୍ୱାସ କରନ୍ତି ଓ ସେଇଥିଲାଗି ଆଦର୍ଶକୁ ଏକ ଆଳକରି ବ୍ୟବହାର କରନ୍ତି, ସେମାନଙ୍କର ଦ୍ୱେଷ ଦୂଷିତ ଦୃଷ୍ଟି ହିଁ ଚମ୍ପତିମୁଣ୍ଡାକୁ ଭାଙ୍ଗିପକାଇଲା ।

ରତ୍ନଗିରି ସମ୍ବନ୍ଧରେ ତୁମେ ଲେଖାଟିଏ ଲେଖିବ ବୋଲି ମନସ୍ଥ କରିଚ ଜାଣି ଭାରି ଖୁସୀ ହେଲି । ଓଡ଼ିଶାରେ ପୁଷ୍ପଗିରି ବୌଦ୍ଧବିହାର ଥିଲା ବୋଲି ଶାସ୍ତ୍ରମାନଙ୍କରେ ଯେଉଁ ଉଲ୍ଲେଖ ଅଛି, ବର୍ତ୍ତମାନ ତାହାକୁ ହିଁ ରତ୍ନଗିରି ବୋଲି ଅନେକେ ଅନୁମାନ କରୁଚନ୍ତି । ଅନେକ ବର୍ଷ ହେଲା ସେସବୁ ଅଧ୍ୟୟନ ସହିତ ସଂପର୍କ ନ ଥିବାରୁ ମୁଁ ଭୁଲିଗଲିଣି । ତେଣୁ ତୁମକୁ କୌଣସି ମାଲ ମସଲା ଯୋଗାଇବା ସମ୍ଭବ ହେଉନାହିଁ ।

ତୁମ ଗାଆଁ ଲାଇବ୍ରେରୀ ନାମରେ ତୁମ ହାତର ଲେଖା ଖଣ୍ଡେ ଚିଠି ପାଇଥିଲି । ଏଠାରେ ତ ମୋ'ପାଖରେ କିଛି ବହି ନାହିଁ । ଓଡ଼ିଶା ଯିବା ପୂର୍ବରୁ ସେକଥା ବିଷୟରେ କିଛି କହିହେବନାହିଁ ।

୫୪। ଶ୍ରୀମାନ୍ ଶାନ୍ତି କୁମାର ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ଆଗ୍ରା, ୧।୨।୬୨
ଦୁନିଆରେ ଆମର ପଥ ବିଭିନ୍ନ ହେବ, ତଥାପି ଆମେ ପରସ୍ପର ମଧ୍ୟରେ ସମ୍ପର୍କ ରଖି ଚାଲିଥିବା, ଏହାକୁ ହିଁ ମୁଁ ମୋର ଜୀବନାଚାର ବୋଲି ମାନେ । ତୁମେ ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଇଚ, ଆହୁରି ଉଚ୍ଚତର ପରୀକ୍ଷାମାନଙ୍କରେ ବସିବାର ପ୍ରୟାସ ମଧ କରିଚାଲ, ଏହା ମୋ'ପାଇଁ ସବୁଠାରୁ ଖୁସୀର କଥା ।

ଭୀଷ୍ମଭାଇଙ୍କର ଚେଷ୍ଟାମାନ ପ୍ରକୃତରେ ସରାହନୀୟ । ତାଙ୍କ ଭିତରେ ବହୁତ ଶକ୍ତି ରହିଚି । ସେଇଥିପାଇଁ ସେ ନିଜ ପଥରେ ଦୃଢ଼ ରହନ୍ତି, ବାଧା ଯେତେ ହେଉନା କାହିଁକି । ଉଦ୍ୟମୀ ବ୍ୟକ୍ତିମାନଙ୍କ ସହ ହିଁ ଭଗବାନ ସାଥିରେ ରହନ୍ତି ।

୫୫ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, 2nd year Science, ସମ୍ବଲପୁର ।
ଆଗ୍ରା, ୩।୮।୬୨
ତୁମର ସମ୍ବଲପୁରୀ ଚିଠି ମୁଁ ସଂପୂର୍ଣ୍ଣ ଭାବରେ ବୁଝିପାରୁଚି । ଭାଷାର ପାର୍ଥକ୍ୟ ଦେଖାଇ ଯେଉଁମାନେ ମଣିଷଠାରୁ ଅଲଗା ହୋଇଯିବାକୁ ଚାହାନ୍ତି, ଆମେ ସେମାନଙ୍କର କୌଣସି

Digitized by srujanika@gmail.com

ସିଦ୍ଧାନ୍ତ ମାନିବା ନାହିଁ । ମଣିଷର ହୃଦୟ ବଡ଼ହେଲେ ସେଥିରେ ସବୁ ଭାଷାଲାଗି ମଧ୍ୟ ଜାଗା ହୋଇଯିବ ।

ଆଉ ଗୋଟାଏ ଖବର । ଏଇ ଦୁଇମାସ ଭିତରେ ମୋ'ର ଜର୍ମାନୀ ଯିବାର ହେଉଚି । ସେଠାରେ ଏକ ଆନ୍ତର୍ଜାତିକ ସଂସ୍ଥାରୁ ମୋତେ ଦୁଇବର୍ଷ ଲାଗି ଅଧ୍ୟାପକ ହିସାବରେ ଡ଼ାକି ନେଉଚ଼ନ୍ତି ।

୫୬ । ଶ୍ରୀମାନ୍ ଶଶୀଭୂଷଣ ପାଣିଗ୍ରାହୀ, ଗଙ୍ଗାଧର ମେହେର କଲେଜ, ସମ୍ବଲପୁର
ବାଗଲପୁର,କଟକ,୨୩।୯।୬୨
୩ ତାରିଖ ସକାଳୁ ମୁଁ ହାବଡ଼ାଠାରୁ Howarh-Bombay Express ଧରିବି । ସେହି ଗାଡ଼ୀ ସେଦିନ ରାତି ପ୍ରାୟ ୯ଟାବେଳେ ଝାରସୁଗୁଡ଼ାଠାରେ ପହଞ୍ଚିବ । ତୁମେ ସେଠାକୁ ଆସିପାରିଲେ ୧୦ମିନିଟ୍ ପାଇଁ ଦେଖାହୁଅନ୍ତା । ସୁବିଧା କରିପାରିଲେ ଆସିବ । Air Letterରେ ଜର୍ମାନୀକୁ ଚିଠି ଦେଇପାରିବ । ଦାମ୍ ଖଣ୍ଡିକ ଆଠଅଣା । ତେବେ ମୁଁ ୫/୬ ଦିନରେ ତୁମର ଚିଠି ପାଇପାରିବି ।

୫୭ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଶରତ ଆଶ୍ରମ ସ୍କୁଲ ।
ବାଗଲପୁର,କଟକ, ୨୪।୯।୬୨
ତୁମର ଅଭିଯୋଗ ମୋ'ର ଅବଶ୍ୟ ମନେରହିବ । ମୁଁ ଯେଉଁଠି ଥାଏ ପଛକେ ତାହାର ଉପଯୁକ୍ତ ହେବାକୁ ଚେଷ୍ଟା କରୁଥିବି ।

ଗତ ସପ୍ତାହରେ ମୁଁ ଅନଗୁଳ ଯାଇଥିଲି । ଓଳିକ ପାଇଁ ଚମ୍ପତିମୁଣ୍ଡା ମଧ୍ୟ ଯାଇଥିଲି ।

୫୮ । ଶ୍ରୀମାନ୍ ଶାନ୍ତିକୁମାର ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ବାଗଲପୁର,କଟକ, ୨୯।୬।୬୪
ତୁମର ଚିଠି ପାଇବା ପରେ ମୁଁ ତିନିଚାରି ଦିନ ପର୍ଯ୍ୟନ୍ତ ପ୍ରଧାନତଃ ଚମ୍ପତିମୁଣ୍ଡା କଥା ହିଁ ଭାବିଚି । ମଣିଷ ହିସାବରେ ତୁମେ ମୋ'ର ଦୁର୍ବଳତାଗୁଡାକ ବେଶ୍ ଭଲକରି ଜାଣିଚ । ଚତୁର ମଣିଷର ଛକାପଂଝା ଭିତରେ ଏହି ଦୁର୍ବଳତା ହିଁ ମୋ'ର ମଣିଷପଣିଆକୁ ବଞ୍ଚାଇ ରଖିଚି । ବାହାରେ ଦେଖିବାକୁ ମୋତେ ବଡ଼ କରିନାହିଁ, କିନ୍ତୁ ମୋ'ଭିତରେ ମୋତେ କେତେ ଖୁସୀର ସମ୍ପଦରେ ସମ୍ପଦବାନ କରିରଖିଚ଼ି । ବହି ପଢ଼ିବାରେ ମୋ'ର ଭାରି ନିଶା, ଟିକିଏ ଫୁରୁସତ୍ ପାଇଲେ ମୁଁ ବହି ପାଖକୁ ଦଉଡ଼ିଯାଏ । କିନ୍ତୁ ବହି ମୋ' ଜୀବନରେ ସବୁଠାରୁ ଅଧିକ ଗଭୀରତା ଦେଇ ପାରିନାହିଁ । ସଂସାରରେ ନାନା କ୍ଷେତ୍ରରେ ନାନା ମଣିଷଙ୍କର ହୃଦୟଟା ହିଁ ମୋତେ ସବୁଠାରୁ ବେଶୀ ଟାଣିଚି । ସେହି ଦଉଡ଼ିରେ ଟାଣି ହୋଇ ମୁଁ ଆଗକୁ ଆଗକୁ ଚାଲିଚି । ମୋ'ର ଅଭିମାନ, ଈର୍ଷା, ଦ୍ୱେଷ ଓ ସ୍ୱାର୍ଥବାସନା ଦ୍ରବି ଯାଇଚି, କିନ୍ତୁ ମଣିଷ ହିସାବରେ ମୁଁ ବଞ୍ଚି କରିରହିଚି । ଜୀବନରେ ଏହି ପାଠ ମୁଁ ତୁମରିମାନଙ୍କ ପାଖରେ ଚମ୍ପତିମୁଣ୍ଡାରେ ହିଁ ଶିଖିଚି ।

Digitized by srujanika@gmail.com

ମାନପୁରରେ ମୋ'ର ଆହୁରି ଅନେକ ଦିନ ରହିବାର ଥିଲା । ଓଡ଼ିଶାର ଯେତେ ଜାଗାରେ ଚମ୍ପତିମୁଣ୍ଡାର ଖସା ପତରମାନ ପଡ଼ିଚନ୍ତି, ପ୍ରତ୍ୟେକ ବର୍ଷ ମୋ'ର ସେହିସବୁ ଜାଗାକୁ ତୀର୍ଥଯାତ୍ରା କରି ଯିବା ଉଚିତ୍ । ସେଥିଲାଗି ମୁଁ ସମୟ କରିପାରୁନାହିଁ, କିନ୍ତୁ ମନର ଅସନ୍ତୋଷ ସବୁବେଳେ ରହିଚି । ତୁମମାନଙ୍କର ଓ ମୋ'ର ଇଚ୍ଛା ଥିଲେ ଭଗବାନ ନିଶ୍ଚୟ ଅବସର ଜୁଟାଇଦେବେ ।

ଘରେ ରହିଲେ ବା ଚାଷୀ ହେଲେ ଯେ ମଣିଷ ଆପଣାର କର୍ମଗତ ଜୀବନର ସଂକୀର୍ଣ୍ଣ ସୀମା ଭିତରେ ଆବଦ୍ଧ ହୋଇ ରହିବ, ତାହାର କୌଣସି କାରଣ ନାହିଁ । ଗଛଲାଗି ଚେର ଦରକାର, କିନ୍ତୁ ଆକାଶର ମୁକ୍ତ ବାୟୁ ଓ ଆଲୋକ ମଧ ଦରକାର । ଘରେ ତୁମ ଜୀବନର ଚେର ଲାଗିବ, ସେଇଠି ତୁମେ ଆପଣାର ଛୋଟ ସଂସାରଟିକୁ ସୁନ୍ଦରକରି ଗଢ଼ିବାରେ ଉତ୍ସାହ ରଖିବ । କିନ୍ତୁ ବାହାର ସଂସାର ସହିତ ସଂପର୍କ ନ ରହିଲେ ତୁମର ବ୍ୟକ୍ତିଗତ ଜୀବନ ଝରକା ନଥିବା ଘରପରି ବଡ଼ ଅଶ୍ୱସ୍ତିଦାୟକ ହୋଇଯିବ । ଏପରି ସ୍ଥିତିରେ ତୁମେ କଦାପି ସୁଖ ପାଇପାରିବ ନାହିଁ । ଭିତରେ ତୁମ ଜୀବନର ଆଲୋକମୁଖୀ ପାଖଟା ଉପାସରେ ରହିଥିବାରୁ ବାହାରେ ଗୃହକେନ୍ଦ୍ରୀ ପାଖଟା ମଧ ସନ୍ତୋଷ ଲାଭ କରିପାରିବନାହିଁ । ଦୁହେଁ ଅତ୍ୟାବଶ୍ୟକ, -- ଦୁହିଁଙ୍କ ଭିତରେ ସପନ୍ନୀ ସମ୍ବନ୍ଧ ରଖିଥିବା ଯାଏ ତୁମ ଜୀବନରେ ପରିପୂର୍ଣ୍ଣ ଅନୁଭବ କରିପାରିବ ନାହିଁ । ପୁଣି ପରିପୂର୍ଣ୍ଣତାର ଅନୁଭୂତି ହିଁ ମଣିଷକୁ ସୁଖ ଓ ସନ୍ତୋଷ ଦେବ । ତେଣୁ ସମ୍ପର୍କ ବଢ଼ାଅ, ଅଧ୍ୟୟନ ଲାଗି ସମୟ ଦିଅ, ଅଧିକରୁ ଅଧିକଙ୍କ ସହିତ ଚିଠିର ଆଦାନ ପ୍ରଦାନ ଲାଗି ସମୟ ଦିଅ, ଗାଆଁର ଅନ୍ୟମାନଙ୍କ ମେଳରେ ବୃହତ୍ତର ଜୀବନର ପାଞ୍ଚକଥା ପକାଅ । ଦେଖିବ, ପୁଣି ସବୁ ମନେ ରହିବ । ଆଗ୍ରହ ବଢ଼ିବା ସଙ୍ଗେ ସଙ୍ଗେ ମନ ଓ ହୃଦୟର ଗ୍ରହଣ ଶକ୍ତି ମଧ ସହସ୍ର ଗୁଣ ହୋଇଯିବ । ସଂସାର ଓ ବୃହତ୍ତର ଜଗତରୁ ଅପସରାଇ ନେଇ ଗ୍ରାର୍ହ୍ୟସ୍ଥ୍ୟ ଜଙ୍ଗଲରେ ବ୍ରହ୍ମଚାରୀ ହୋଇ ବସିବାର ପ୍ରମାଦରେ ପଡ଼ିଲେ କୌଣସି ନୀଡ଼ରେ ମଧ ସୁଖ ମିଳିବ ନାହିଁ ।

ଚମ୍ପତିମୁଣ୍ଡା ତୁମ ଚିରଭାଇଙ୍କୁ ଯେପରି ଗଢ଼ିଥିଲା ବର୍ତ୍ତମାନ ମଧ ସେ ଠିକ୍ ସେହିପରି ଅଛନ୍ତି । ଆଗ୍ରା ବା ଜର୍ମାନୀ ଯାଇ ସେ ସେହିପରି ରହିଛନ୍ତି । ବଡ଼ ହେବାର ଲାଳସାରେ ଫମ୍ପା ହୋଇ ବସିବାର କୌଣସି ପାଷାଣ୍ଡତା ତାଙ୍କୁ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ । ତେଣୁ ତୁମେ ଇଚ୍ଛାକଲେ ତୁମେ ସବୁବେଳେ ମୋତେ ବ୍ୟବହାର କରିପାରିବ । ସଂସାରରେ ଆମେ ସମସ୍ତେ ଦୁର୍ବଳ, ତଥାପି ସଂସାରର ବାଟ ଚାଲିବାରୁ ଆନନ୍ଦ ପାଇବା ଲାଗି ଆମ ସମସ୍ତଙ୍କର ବାସନା ଅଛି । ତେଣୁ ଆମେ ନିଶ୍ଚୟ ପରସ୍ପରକୁ ସବୁବେଳେ ଦରକାର କରିବା, ପରସ୍ପରକୁ ଉତ୍ସାହ ଦେବା ।

ମାନପୁରରୁ ମୁଁ ଯେତେ ଅଧିକ ସଂଖ୍ୟାରେ ଚିଠିପାଇବି, ଜୀବନର ସଂପତ୍ତି ମୋର ସେତେ ବଢ଼ୁଥିବ ।

Digitized by srujanika@gmail.com

୫୯ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୪।୭।୬୪
ତୁମେ ଆପଣା ଉଦ୍ୟମରେ ଚମ୍ପତିମୁଣ୍ଡାର ଭାଇମାନଙ୍କ ପାଇଁ ଯାହାସବୁ କରୁଚ, ସେଥିଲାଗି ମୁଁ ଭାରୀ ଖୁସି । ଓଡ଼ିଶାଠାରୁ ଏତେ ଦୂରରେ ରହି ମୁଁ ସେଦିଗରେ ନିଶ୍ଚୟ ଅବହେଳା କରୁଚି, କିନ୍ତୁ ଏ ବିଷୟରେ ମୋ'ର ଅସମର୍ଥତା ଜାଣିଥିବାରୁ ମୁଁ ଏପରି କରୁଚି । ଯେଉଁ ସରକାରଙ୍କର ଚୂଳରୁ ମୂଳଯାଏ ବେପରୁଆ ଦୁର୍ନୀତି ଗ୍ରାସ କରିରହିଚି, ସେଠି କେଉଁ ହାକିମ ପାଖକୁ ଖଣ୍ଡେ ଚିଠି ଲେଖି ଅନୁଗ୍ରହ ଭିକ୍ଷା କରିବାକୁ ମନ ବଳୁନାହିଁ । ଯଦି ଓଡ଼ିଶା ବା ଭାରତବର୍ଷର ଭାଗ୍ୟରେ ସଂପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଯିବା ଲେଖା ନ ଥିବ, ତେବେ ଦିନେ ନା ଦିନେ ଶିକ୍ଷିତତା ଓ ସାଧୁତାର ଗୁଣ ନିଶ୍ଚୟ ଆସିବ ।

ଏଥର ଗୋପବନ୍ଧୁ ସଂଖ୍ୟା 'ସମାଜ'ରେ ମୋର ଲେଖାଟି ପଢ଼ିଚକି ?

୬୦ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଶିକ୍ଷକ, ଶରତ ଆଶ୍ରମ ସ୍କୁଲ ।
ଆଗ୍ରା, ୨୭।୮।୬୪
ଆମର ସମାଜ ଓ ଶାସନ ପ୍ରକୃତ ଯୋଗ୍ୟତା ଅନୁସାରେ ମଣିଷକୁ ସ୍ୱୀକୃତି ଦେଇ ଶିଖିନାହିଁ । ସେଥିଲାଗି ଶିକ୍ଷା ନାମରେ ଏଦେଶରେ କାଗଜର ସ୍ୱୀକୃତି ପାଇଥିବା ଅଶିକ୍ଷିତ ଓ ଅସାମାଜିକ ଲୋକମାନଙ୍କର ନାଚ ଚାଲିଚି । ଏପରି ଅବସ୍ଥା କଦାପି ସବୁଦିନ ଲାଗି ରହିବନାହିଁ । ଅବିଚାର ସମ୍ମୁଖରେ ତୁମେ ଯେ ତଥାପି ନଇଁଯିବ ନାହିଁ ବା ଆପଣାକୁ ହୀନ ମନେକରିବ ନାହିଁ, ମୋର ଏ ବିଶ୍ୱାସ ଅଛି ।

ତୁମ ବିଷୟରେ କ'ଣ ନିଷ୍ପତ୍ତି ହେଲା ମୋତେ ଅବଶ୍ୟ ଜଣାଇବ । ସେ ପର୍ଯ୍ୟନ୍ତ ତୁମଲାଗି ମୁଁ ନିଶ୍ଚୟ ଚିନ୍ତିତ ରହିଥିବି ।

୬୧ । ଶ୍ରୀମାନ୍ ନନିଗୋପାଳ ପାଲିତ୍, ଭାଲୁଲତା, ଶିକ୍ଷକ ତାଲିମ କେନ୍ଦ୍ର ।
ଆଗ୍ରା, ୨୭।୧୦।୬୪
ତୁମର ମନ ଓ ଚମ୍ପତିମୁଣ୍ଡାର ପ୍ରାଣକୁ ମୁଁ ଯେତେଦୂର ଚିହ୍ନିଚି, ସେଥିରୁ ମୁଁ ଭଲକରି ଜାଣେ ଯେ, ଦୁନିଆରେ ଅବିଚାର ଆଗରେ ତୁମେ କଦାପି ଭାଙ୍ଗିପଡ଼ିବ ନାହିଁ । ଆପଣାର କର୍ତ୍ତବ୍ୟରେ ଅଗ୍ରସର ହୋଇ ଆପଣାର ଯୋଗ୍ୟତାର ପ୍ରଦର୍ଶନ କରିବା ଲାଗି ଭଗବାନ ତୁମକୁ ଅଧିକରୁ ଅଧିକ ସତ୍‌ସାହସ ଦିଅନ୍ତୁ ।

ଶିକ୍ଷା ଓ ଶିଶୁ–ମନୋବିଜ୍ଞାନ ବିଷୟରେ ଖଣ୍ଡେ ହିନ୍ଦୀ ବହି ତୁମ ପାଖକୁ ପଠାଉଛି । ବହିଟି ସିଧାଯାଇ ଦୋକାନରୁ ତୁମପାଖରେ ପହଞ୍ଚିବ । ଏହି ବହିଟି ଏଠି ଟ୍ରେନିଂ ସ୍କୁଲମାନଙ୍କରେ ଏକ ଭଲ ବହି ବୋଲି ପରିଚିତ । ତୁମକୁ ଏଥିରୁ ଅନେକ ସାହାଯ୍ୟ ମିଳିପାରିବ ଜାଣି ପଠାଇଲି । ମନୋବିଜ୍ଞାନ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ତୁମ ମନରେ ଉଦୟ ହେଲେ ମୋ'ପାଖକୁ ଲେଖିବ । ଚିଠିରେ ଆଲୋଚନା କରିବା । ତୁମର ନୋଟ୍ ମୁଁ ପାଇଚି, ବର୍ତ୍ତମାନ ମନେ ପଡ଼ିଚି । ସେସବୁ ଜର୍ମାନୀ ଯିବା ପୂର୍ବରୁ ମୁଁ କଟକରେ ରଖି ଯାଇଥିଲି ।

Digitized by srujanika@gmail.com

ମୁଁ ଜାଣେ ଅନ୍ୟମାନେ ଖେଳରୁ ଯେତିକି ଆନନ୍ଦ ପାଆନ୍ତି, ତୁମେ ଅଧ୍ୟୟନ ଓ ମନନରୁ ସେତିକି ଆନନ୍ଦ ପାଅ । ଜଣେ ବିଦ୍ୟାର୍ଥୀ ପକ୍ଷରେ ଅଧିକ ଗୌରବର ବିଷୟ ଆଉ କ'ଣ ହୋଇପାରେ ?

୬୨ । ଶ୍ରୀମାନ୍ ରାଜେନ୍ଦ୍ର ବେହେରା, ୭ମ ଶ୍ରେଣୀ, ମାନପୁର ।
ଆଗ୍ରା, ୩୦।୧୧।୬୪
ତୁମର କବିତାଟିକୁ ଟିକିଏ ଘଷିମାଜି ଦେଇ ପଠାଇଛି । ସାନଭାଇର ଗୁଣକୁ ଅଧିକ ବିକଶିତ ହେବାରେ ସାହାଯ୍ୟ କରିବା ବଡ଼ଭାଇର ସୌଭାଗ୍ୟ ବୋଲି ମୁଁ ମନେ କରେ । ବଡ଼ହେଲେ ତୁମେ କେତେକେତେ କବିତା ଲେଖିବ । ତାକୁ ପଢ଼ି ମୁଁ ବଡ଼ ଗର୍ବ ଅନୁଭବ କରିବି ।

ତୁମେ ଓ ଶ୍ରେଣୀର ଆଉ ସମସ୍ତେ ମୋ'ର ସ୍ନେହ ଜାଣିବ । ଶିକ୍ଷକମାନଙ୍କୁ ପ୍ରଣାମ ଜଣାଉଛି । ପରୀକ୍ଷାରେ ଭଲ ଫଳ ଦେଖାଇବାକୁ ଚେଷ୍ଟା କରୁଚ ନା ?

ହେ ମଧୁସୂଦନ	କହୁଚି ମୋ'ମନ	ଗାଇବି ତୁମ ଚରିତ
କାହିଁ ଚାଲିଗଲ	ନ ପାରିଲି ଦେଖି	ଲାଗେ ବଡ଼ ବିଚଳିତ ।।
ସତ୍ୟଭାମାପୁର	କଟକ ଜିଲ୍ଲାର	ସେ ଗ୍ରାମେ ଜନ୍ମ ଲଭିଲ
ଦେଖିଲ ଦୁର୍ଦ୍ଦଶା	ଉତ୍କଳ ଦେଶର	ମୁକ୍ତିର ମାର୍ଗ ଖୋଜିଲ ।।
ଉତ୍କଳ-ପ୍ରଦେଶ	ଏକତ୍ରୀକରଣ	ତୁମରିଠାରୁ ଯେ ଉଠୁ
ପ୍ରେରଣା ଦେଉଚି	ବଳ ଯୋଗାଉଚି	ଉତ୍କଳ ଜନଗଣଙ୍କୁ ।।
କୋମଳ ବୟସେ	କାହିଁ ମୋ'ର ଶକ୍ତି	ତୁମଗୁଣ ବଖାଣିବି
ଧନ୍ୟ ତୁମେ ପୁତ୍ର	ଧନ୍ୟ ଏ ଉତ୍କଳ	ଏତିକି ମୁଁ କହୁଥିବି ।।
ମାତୃ ଭୂମିଲାଗି	କଲ୍ୟାଣ-ମାନସେ	ଥାପିଥିଲ ସମ୍ମିଳନୀ
ସ୍ୱତନ୍ତ୍ର ପ୍ରଦେଶ	ସ୍ୱୟଂ ନ ଦେଖିଲ	ଏ ସିନା ତୁମ କରୁଣୀ ।।
ଦେଶର ଶୋଭନ	ହେ ମଧୁସୂଦନ	ଆଶୀର୍ବାଦ ଦିଅ ମୋତେ
ତୁମ ପରି ହେବି	ତୁମ ଦେଶ ଲାଗି	ପୂରୁ ମୋ ମାନସ ସତେ ।।

୬୩ । ଶ୍ରୀମାନ୍ ନନ୍ଦିଗୋପାଳ ପାଲିତ୍, ଶିକ୍ଷକ ତାଲିମ କେନ୍ଦ୍ର, ଭାଲୁଲତା ।
ଆଗ୍ରା, ୧୭।୧୨।୬୪
ଗତ କେତେ ସପ୍ତାହ ମୁଁ ଟିକିଏ ଅଧିକ କାର୍ଯ୍ୟବ୍ୟସ୍ତ ଥିଲି । ତେଣେ ଓଡ଼ିଶାର ପରିସ୍ଥିତି ମୋତେ ଭାରି ଅସ୍ଥିର କରି ରଖିଥିଲା । ଏହିପରି ଉପଦ୍ରୁତ ରହି ଆଉ କିଛି କରିବାକୁ ଆଗ୍ରହ ହେଉନଥିଲା ।

ଓଡ଼ିଆରେ ମୁଁ ଗଲା କେତେ ମାସହେବ ପ୍ରାୟ କିଛି ଲେଖିନାହିଁ । 'ଦିଗନ୍ତ' ଲାଗି ଲେଖୁଥିଲି । ସମ୍ଭବତଃ ଗତ ବର୍ଷେ ହେଲା 'ଦିଗନ୍ତ' ବନ୍ଦ ହୋଇଗଲାଣି । ଅତତଃ ସେମାନଙ୍କଠାରୁ କୌଣସି ଚିଠିପତ୍ର ମୁଁ ପାଉନାହିଁ । ତେଣୁ ତୁମେ ଲେଖିବାର ନିୟମିତତା ମଧ୍ୟ ଭାଙ୍ଗିଯାଉଚି । ଓଡ଼ିଶାରୁ ଦୂରରେ ରହି ତୁମେ ଓଡ଼ିଶାଠାରୁ ଦୂରଛଡ଼ା ହୋଇଗଲା ପରି ମନେହେଉଚି । ବାହାର କାଗଜ ମାନଙ୍କରେ ଓଡ଼ିଶାର ଖବର ଖୁବ୍ ବେଶୀ ବାହାରେ ନାହିଁ ।

Digitized by srujanika@gmail.com

ହିନ୍ଦୀ ବହିଟିରୁ ଆପଣାର ପ୍ରୟୋଜନୀୟ କିଛି ସାମଗ୍ରୀ ପାଇଲ କି ?

୬୪ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଭାଲୁଲତା, ସୁନ୍ଦରଗଡ଼ ।
ଆଗ୍ରା, ୪।୮।୬୫
ବକ୍ତୃତାରେ ତୁମେ ପ୍ରଥମ ସ୍ଥାନ ଅଧିକାର କରିଛ, ଏହା ଗର୍ବର କଥା । ଆପଣାର ଯୋଗ୍ୟତା ଦେଖାଇବାକୁ ଯେଉଁଠି ଯେତେ ଅବସର ମିଳୁଚି, ସବୁଠି ତୁମେ ଯୋଗ ଦେବ ଏବଂ ଆପଣାକୁ ପ୍ରତିଷ୍ଠିତ କରିବ । ଏହା ମୋ'ର ଇଚ୍ଛା ।

୬୫ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ରାଉରକେଲା ।
ଆଗ୍ରା, ୧୪।୯।୬୫
ଚୈତନ୍ୟଭାଇ ଟ୍ରେନିଂ ପାସ୍ କରି ବର୍ତ୍ତମାନ କେଉଁଠି କ'ଣ କରୁଚନ୍ତି ଲେଖିଲ ନାହିଁ କାହିଁକି ? ... 'ଖୋଇ' ବା 'ଜୀବନ-ବିଦ୍ୟାଳୟ'ର ୨ୟ ଭାଗ ବର୍ତ୍ତମାନ ପ୍ରେସ୍‌ରେ ଅଛି । ଦଶହରା ବେଳକୁ ବାହାରିଯିବ ବୋଲି ପ୍ରକାଶକ ଭରସା ଦେଉଚନ୍ତି ।

ବେଳେବେଳେ ଆଗ୍ରାରେ ମଧ ଯୁଦ୍ଧର ଆଞ୍ଚ ଆସି ବାଜିଯାଉଚି । ଲୋକଙ୍କର ମନୋବଳ ଦିନୁଁଦିନ ବଢୁଚି ।

୬୬ । ଶ୍ରୀମାନ୍ ନନିଗୋପାଲ ପାଲିତ୍, ଶିକ୍ଷକ ତାଲିମ କେନ୍ଦ୍ର, ଭାଲୁଲତା ।
ଆଗ୍ରା, ୧୫।୧୧।୬୫
ଏଣିକି ପ୍ରତ୍ୟେକବର୍ଷ ଗ୍ରୀଷ୍ମଛୁଟୀରେ ଓଡିଶାର କେଉଁଠି ଆମେ ଏକାଠି ହୋଇପାରିଲେ ଭଲହୁଅନ୍ତା । ଚୈତନ୍ୟଭାଇ ଆରବର୍ଷ ଚେଷ୍ଟାକରୁଥିଲେ । ତୁମେ ଟ୍ରେନିଂ ପରେ ଚେଷ୍ଟା କଲେ ଏହା ସମ୍ଭବ ହୋଇପାରିବ ବୋଲି ମୋ'ର ବିଶ୍ୱାସ ହେଉଚି ।

୬୭ । ଶ୍ରୀମାନ୍ ଶଶିଭୂଷଣ ପାଣିଗ୍ରାହୀ, ମାନପୁର, ସମ୍ବଲପୁର ।
ଆଗ୍ରା, ୧୬।୧୧।୬୫
ଲେଖାଟି ଅତି ଆଗ୍ରହର ସହିତ ପଢ଼ିଚି । ତୁମର ମନକୁ ଅନ୍ତ ବହୁତ ବୁଝିଚି ବୋଲି ମୋତେ ଲେଖାଟି ଭାରି ଭଲଲାଗିଲା । କିନ୍ତୁ, ପତ୍ରିକା ବଢ଼ିବାବାଲା ତ ତୁମକୁ ଚିହ୍ନିନାହାନ୍ତି । ତେଣୁ, ସେମାନଙ୍କ ପାଇଁ ଲେଖିବାକୁ ଗଲେ ଅଧିକ ଯତ୍ନ ସହକାରେ ଲେଖିବାକୁ ହେବ । ବିଷୟଟିକୁ ତୁମେ ଗୋଟିଏ ସଭାରେ ପଢ଼ିବା ପାଇଁ ପ୍ରସ୍ତୁତ କରିଥିଲ । ତେଣୁ ଭାଷଣ ଦେବାପରି ଲେଖାଟି ହୋଇଚି । କିନ୍ତୁ ଏମିତି ଲେଖୁ ଲେଖୁ ବାଟ ମିଳିଯିବ । ଅନୁଭୂତି ଆହୁରି ଗଭୀର କରିବାକୁ ହୁଏ, ହୃଦୟ ଦେଇ ବିଚାର କରିବାକୁ ହୁଏ, ଭାବପ୍ରବଣତା, ଆସକ୍ତି ଓ ଅସୂୟାରୁ ଆପଣାକୁ ସତର୍କ ରଖିବାକୁ ହୁଏ । ତା'ପରେ ମଣିଷର ଭାବ ଆପଣା ମାର୍ଗରେ ପ୍ରକାଶିତ ହେବାକୁ ଆରମ୍ଭ କରେ ।

ତୁମର ଲେଖା ଚିତ୍ତଭାଇଙ୍କ ସୁପାରିଶ ନେଇ କୌଣସି ପତ୍ରିକାକୁ ଯାଉ, ଏହା ମୋତେ ସୁନ୍ଦର ଲାଗୁନାହିଁ । ଦିନ ଆସିବ, ଯେତେବେଳେ ପତ୍ରିକାବାଲା ତୁମର ଲେଖା ଲୋଡ଼ି ବସିବେ । ସେଥିପାଇଁ ସାଧନା ଦରକାର, ଜୀବନ ସହିତ ଆତ୍ମୀୟତା ଦରକାର । ହଁ, ଗୋଟିଏ କଥା । ନିଜେ ଭଲ ଲେଖା ଲେଖିପାରିବାକୁ ହେଲେ ଅଧ୍ୟୟନ ମଧ ପ୍ରଶସ୍ତ ଓ ଗଭୀର ହେବା କଥା । ଅଧ୍ୟୟନ ମନନକୁ ନିର୍ଦ୍ଦିଷ୍ଟ ଦିଗଦେବାରେ ସାହାଯ୍ୟ କରିବ ।

***

Digitized by srujanika@gmail.com